# ଲଘୁଚାପ ବର୍ଷା, ଚାଷୀଙ୍କୁ ସାମାନ୍ୟ ଆଶ୍ୱସ୍ତି

ସମ୍ବଲପୁର,୧୯।୮(ବ୍ୟୁରୋ)

ଲଘୁଚାପ ଜନିତ ଲଗାଣ ବର୍ଷା ଚାଷୀକୁଳକୁ ସାମାନ୍ୟ ଆଶ୍ୱସ୍ତି ଦେଇଥିବା ବେଳେ ମାନେଶ୍ୱର ଓ ଧନକଉଡ଼ା ବ୍ଲକରେ ହୋଇଥିବା ଧାନ ଫସଲରେ ପାଣି ଜମି ନଷ୍ଟ ହୋଇଛି। ଚଳିତ ଖରିଫ ଋତୁ ଆରମ୍ଭରୁ ନିଅଣ୍ଟିଆ ବର୍ଷା ଯୋଗୁ ଚାଷକାର୍ଯ୍ୟ ଆଗେଇପାରି ନ ଥିଲା। ଆଷାଢ଼ ଓ ଶ୍ରାବଣ ମାସରେ ଆବଶ୍ୟକ ଅନୁସାରେ ବୃଷ୍ଟିପାତ ହୋଇ ନ ଥିବାରୁ ଚାଷୀମାନେ ନିରାଶ ହୋଇପଡ଼ିଥିଲେ। ହୀରାକୁଦ ଜଳଭଣ୍ଡାର ପାଣି ଉପରେ ନିର୍ଭର କରୁଥିବା ଚାଷୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଉଠାଜଳସେଚନ ପ୍ରକଳ୍ପ ଯୋଗୁ ଚାଷ କାର୍ଯ୍ୟ କରିପାରିଥିଲେ। ହେଲେ ଅଣଜଳସେଚିତ ଅଞ୍ଚଳରେ ଚାଷକାର୍ଯ୍ୟ ସମ୍ପୂର୍ଣ୍ଣ ଠପ ହୋଇଯାଇଥିଲା। ବୁଣାଧାନରେ ମଧ୍ୟ ଗଜା ମରୁଡ଼ି ଦେଖାଦେଇଥିଲା। ଜୁଲାଇ ଶେଷ ପର୍ଯ୍ୟନ୍ତ ଜିଲାରେ ହାରାହାରି ୫୦ ପ୍ରତିଶତ ଚାଷ ହୋଇଥିବା କୃଷି ବିଭାଗ ପକ୍ଷରୁ ରିପୋର୍ଟ ଦିଆଯାଇଥିଲା।



ଝୁମ୍ପୁମୁରା ବ୍ଲକ ଅଞ୍ଚଳରେ ଚାଷ କାର୍ଯ୍ୟ ଚାଲିଛି।

ଚାଷୀମାନେ ବର୍ଷା ନ ହେବାରୁ ଶେଷରେ ଚାଷ କାର୍ଯ୍ୟରୁ ମୁହଁ ଫେରାଇ ନେଇଥିଲେ। ହେଲେ ଅଗଷ୍ଟ ଦ୍ୱିତୀୟ ସପ୍ତାହରୁ ଲଘୁଚାପ ଜନିତ ବର୍ଷା ଚାଷୀଙ୍କ ଭରସା ହୋଇଛି। ଏବେ ଅଣ ଜଳସେଚିତ ଓ ଜଳସେଚିତ ଜମିରେ ୯୧ ପ୍ରତିଶତ ଚାଷ ଶେଷ ହୋଇଛି ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଜିଲା ମୁଖ୍ୟ କୃଷି ଅଧିକାରୀ ଟଙ୍କଧର ସାହୁ କହିଛନ୍ତି, ବର୍ଷା ଅଭାବରୁ ଜିଲାରେ ଚାଷ ହୋଇପାରୁ ନ ଥିଲା। ଅଣଜଳସେଚିତ ଅଞ୍ଚଳ ବାମରା, କୁଚିଣ୍ଡା, ନାକଟିଦେଉଳ, ରେଢ଼ାଖୋଲ, ଝୁମ୍ପୁମୁରା ଆଦି ବ୍ଲକ ଅଞ୍ଚଳରେ ଚାଷୀମାନେ ହତାଶ ହୋଇ ପଡ଼ିଥିଲେ। କୃଷି ବିଭାଗ ମଧ୍ୟ ଏ ନେଇ ଚିନ୍ତାରେ ପଡ଼ିଯାଇଥିଲା। ରୁଆ ଧାନ ଓ ବୁଣାଧାନ ଚାଷରେ ବିଳମ୍ବ ହୋଇଥିଲା। ହେଲେ ଏହି ଲଘୁଚାପ ଜନିତ ବର୍ଷା ଚାଷୀଙ୍କୁ ଆଶ୍ୱସ୍ତି ଦେଇଛି। ବିଭିନ୍ନ ବ୍ଲକ ଅଞ୍ଚଳରୁ ମିଳିଥିବା ରିପୋର୍ଟ ଅନୁସାରେ ଚାଷ କାର୍ଯ୍ୟ ପ୍ରାୟ ଶେଷ ହେବାକୁ ବସିଛି। ସେହିପରି ଅଣଧାନ ଚାଷକୁ ମଧ୍ୟ ଏହି ବର୍ଷା ଲାଭଦାୟକ ହୋଇଛି। ହେଲେ ଲଗାଣ ବର୍ଷା ଯୋଗୁ ମହାନଦୀର ପିଛିଲା ପାଣି ଆସି କେତେକ ସ୍ଥାନରେ ହୋଇଥିବା ଧାନଚାଷ ନଷ୍ଟ କରିଛି। ଜିଲାର ଧନକଉଡ଼ା ଓ ମାନେଶ୍ୱର ବ୍ଲକରେ ମୋଟ ୫୦୦ ହେକ୍ଟର ଜମି ଜଳମଗ୍ନ ହୋଇଥିବା ଅଭିଯୋଗ ହୋଇଛି। କୃଷି ବିଭାଗ ପକ୍ଷରୁ ମଧ୍ୟ ଏକ ପ୍ରାଥମିକ ରିପୋର୍ଟ ସଂଗ୍ରହ କରାଯାଇଛି। ଏବେ ପରିସ୍ଥିତି ସ୍ୱାଭାବିକ ହେବାକୁ ଲାଗିଛି। ଚାଷ ଜମିରୁ ପାଣି ନିଷ୍କାସନ ହେବାରେ ଲାଗିଛି। ପାଣି ନିଷ୍କାସନ ପରେ କେତେ ପରିମାଣ ଜମିରେ ଫସଲ ନଷ୍ଟ ହୋଇଛି ତାହା ଆକଳନ କରାଯିବ। ରାଜସ୍ୱ ବିଭାଗ ଓ କୃଷି ବିଭାଗ ମିଳିତ ଭାବେ ପ୍ରତ୍ୟେକ ଅଞ୍ଚଳକୁ ବୁଲି ରିପୋର୍ଟ ସଂଗ୍ରହ କରିବେ। ରିପୋର୍ଟ ଆସିବା ପରେ ସରକାରଙ୍କ ନିୟମ ଅନୁସାରେ କ୍ଷତିପୂରଣ ଦିଆଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ ସମ୍ବଲପୁର ଜିଲାର ୯ଟି ବ୍ଲକରେ ଖରିଫ ଋତୁରେ ୧ଲକ୍ଷ ୭ହଜାର ହେକ୍ଟର ଜମିରେ ଚାଷ ହୋଇଥାଏ।

## ସଂକ୍ଷେପରେ

### ସାପ କାମୁଡ଼ାରେ ବୃଦ୍ଧାଙ୍କ ମୃତ୍ୟୁ

ନାକଟିଦେଉଳ,୧୯।୮(ଡି.ଏନ.ଏ.): ନାକଟିଦେଉଳ ବ୍ଲକ ବାଟଗାଁ ଗ୍ରାମ ନୂଆସାହିରେ ସାପ କାମୁଡ଼ାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟି ମାଝି (୭୨)। ସୂଚନା କଟି ଗୁରୁବାର ଅପରାହ୍ନରେ କୌଣସି କାମରେ ଘର ବାଡ଼ି ପଟକୁ ଯାଇଥିଲେ। ସେହି ସମୟରେ ଏକ ନାଗ ସାପ ତାଙ୍କ ଗୋଡ଼କୁ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେବା ପରିବର୍ତ୍ତେ ନିକଟସ୍ଥ କୁଞ୍ଜାମୁରା ଶିବ ମନ୍ଦିରକୁ ନେଇ ମହାଦେବଙ୍କ ସାମନାରେ ଅଧିଆ ପକାଇଥିଲେ। ହେଲେ ଶୁକ୍ରବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ନାକଟିଦେଉଳ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

### ଯାନବାହନ ଯାଞ୍ଚ: ୧.୨୭ଲକ୍ଷ ଜରିମାନା ଆଦାୟ

କୋଲାବିରା,୧୯।୮(ଡି.ଏନ.ଏ.): କୋଲାବିରା ଥାନା ଅନ୍ତର୍ଗତ ୪୯ନଂ. ଜାତୀୟ ରାଜପଥର ଶିରିଆପାଲି ନିକଟରେ ପରିବହନ ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଭାବେ ଯାନବାହନ ଯାଞ୍ଚ କରାଯାଇଥିଲା। ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ସ୍ୱାହା ହେମ୍ବ୍ରମଙ୍କ ନେତୃତ୍ୱରେ ପରିବହନ ବିଭାଗର ଅନ୍ୟ କର୍ମଚାରୀ ଓ କୋଲାବିରା ଥାନାର ପୋଲିସ ଷ୍ଟାଫ୍ ହେଲମେଟ୍ ସାଙ୍ଗକୁ ଯାନବାହନର ବୈଧ କାଗଜପତ୍ର ଯାଞ୍ଚ କରିଥିଲେ। ଏଥିରେ ଖିଲାପ କରିଥିବା ଗାଡି ଚାଳକଙ୍କଠାରୁ କର୍ମଚାରୀମାନେ ଜରିମାନା ଆଦାୟ କରିଥିଲେ। ମୋଟ ୪୧ ଜଣଙ୍କ ନିକଟରୁ ୧ଲକ୍ଷ ୨୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା।

### ବନ୍ଧୁକ ଜବତ, ଯୁବକ ଗିରଫ



ବ୍ରଜରାଜନଗର,୧୯।୮(ଡି.ଏନ.ଏ.): ବ୍ରଜରାଜନଗର ଥାନା ପୋଲିସ ଶୁକ୍ରବାର ଇବ୍ ପିଟ ଅଞ୍ଚଳରେ ଚଢ଼ାଉକରି ଏକ ଦେଶୀ ବନ୍ଧୁକ ଜବତ କରିବା ସହ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ରେମଜା କୁଲଟାପଡ଼ାର ମିତ୍ରଭାନୁ ସାହୁ (୨୯)। ମିତ୍ରଭାନୁ ବନ୍ଧୁକ ଧରି ବଜାର ଅଞ୍ଚଳରେ ବୁଲୁଥିବା ପୋଲିସ କୌଣସି ସୂତ୍ରରୁ ଖବର ପାଇ ଇବ୍ ପିଟ ଅଞ୍ଚଳରୁ ତାଙ୍କୁ ଧରିଥିଲା। ଏ ନେଇ ଥାନାରେ ୨୪୯/୨୨ନଂ.ରେ ମାମଲା ରୁଜୁକରି ପୋଲିସ ମିତ୍ରଭାନୁଙ୍କୁ କୋର୍ଟ ଚାଲାଣ କରିଛି।

### ସମ୍ବଲପୁର ରେଳ ମଣ୍ଡଳରେ ସଦ୍‌ଭାବନା ଦିବସ

ସମ୍ବଲପୁର,୧୯।୮(ବ୍ୟୁରୋ): ସମ୍ବଲପୁର ରେଳ ମଣ୍ଡଳରେ ସଦ୍‌ଭାବନା ଦିବସ ପାଳିତ ହୋଇଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସମସ୍ତ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇ ସଦଭାବନା ଦିବସର ଶପଥ ପାଠ କରିଥିଲେ। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବିଶ୍ୱ ଫଟୋଗ୍ରାଫି ଦିବସ

ସମ୍ବଲପୁର,୧୯।୮(ବ୍ୟୁରୋ): ବିଶ୍ୱ ଫଟୋଗ୍ରାଫି ଦିବସକୁ ସମ୍ବଲପୁର ଫଟୋଗ୍ରାଫର ସଂଘ ଭିନ୍ନ ଢ଼ଙ୍ଗରେ ପାଳନ କରିଛି। ସୁନ୍ଦର ଫଟୋ ଉଠାଇ ଜନସାଧାରଣଙ୍କ ମୁହଁରେ ହସ ଭରିଥାନ୍ତି ଫଟୋଗ୍ରାଫର। କିନ୍ତୁ ସଂଘ ସଭ୍ୟ ଓ କର୍ମକର୍ତ୍ତା ରକ୍ତଦାନ କରି ଅନ୍ୟମାନଙ୍କୁ ସଚେତନ କରାଇଛନ୍ତି। ଶୁକ୍ରବାର ସମ୍ବଲପୁର ଗେଇଟି ରୋଡସ୍ଥିତ ଉତ୍ସର୍ଗ କାର୍ଯ୍ୟାଳୟଠାରେ କାର୍ଯ୍ୟକ୍ରମ ହୋଇଥିଲା। ଉତ୍ସର୍ଗର ସୁଧୀର ପୂଜାରୀ ଓ ଜିଲା କନଷ୍ଟେବଲ ଓ ହାବିଲଦାର ସଂଘ ସଭାପତି ରାମଦାଶ ପଣ୍ଡା ଯୋଗଦେଇ ଫଟୋଗ୍ରାଫରମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ସମ୍ବଲପୁର ଫଟୋଫିଲିକ୍ସ ପକ୍ଷରୁ ମଧ ବିବିଧ କାର୍ଯ୍ୟକ୍ରମ କରାଯାଇଥିଲା। ସଭାପତି ଅରବିନ୍ଦ ମିଶ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଅନ୍ୟମାନଙ୍କ ମଧରେ ଶିଶିର ପାଣିଗ୍ରାହୀ, ରଣଜିତ ସାହୁ, ବିଶ୍ୱନାଥ ବଗର୍ତ୍ତି, ଜଗନ୍ନାଥ ବାଗ, ସୁବ୍ରତ ନାଥ, ନରେଶ ସିଂ, ସତ୍ୟଜିତ ପଣ୍ଡା ଯୋଗଦେଇ ନିଜସ୍ୱ ମତ ଉପସ୍ଥାପନ କରିଥିଲେ।

## ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

କୁଚିଣ୍ଡା,୧୯।୮(ଡି.ଏନ.ଏ.)

ଗୋବିନ୍ଦପୁର ଥାନା ଗଡପୋଷ ଫାଣ୍ଡି ଅର୍ନ୍ତଗତ ବୁଷ୍ଟୁକାମାଲ ଗ୍ରାମର ଜଣେ ଯୁବକ ନଦୀରେ ବୁଡି ପ୍ରାଣ ହରାଇଛନ୍ତି। ସେ ହେଲେ ଶ୍ରୀକାନ୍ତ ରଣା (୩୧)। ଶ୍ରୀକାନ୍ତ ଗୁରୁବାର ବିଲରେ ଚାଷ କାମ ସାରି ନିକଟସ୍ଥ ନଦୀକୁ ଗାଧୋଇବାକୁ ଯାଇଥିଲେ । ମାତ୍ର ସନ୍ଧ୍ୟା ସୁଦ୍ଧା ସେ ଘରକୁ ନ ଫେରିବାରୁ ଘରଲୋକେ ଚାରିଆଡ଼େ ଖୋଜାଖୋଜି କରି ସନ୍ଧାନ ପାଇ ନ ଥିଲେ। ଶୁକ୍ରବାର ସକାଳେ ନଦୀରେ ମୃତଦେହ ଭାସୁଥିବା ଦେଖି ଗାଁ ଲୋକେ ତାଙ୍କ ପରିବାରକୁ ଖବର ଦେଇଥିଲେ। ପରିବାର ଲୋକେ ମୃତଦେହ ଚିହ୍ନଟ କରି ଗଡପୋଷ ଫାଣ୍ଡିକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ଦେବରାଜ ସାହୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନା ପଠାଇଥିଲେ। ଏ ନେଇ ଗୋବିନ୍ଦପୁର ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଯୁବକଙ୍କ ମୃତଦେହ ଜବତ, ହତ୍ୟା ମାମଲା

ସମ୍ବଲପୁର,୧୯।୮(ବ୍ୟୁରୋ)

ସମ୍ବଲପୁର ଜିଲା ଟାଉନ ଥାନା ଦାନିବନ୍ଧରୁ ଶୁକ୍ରବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଧନୁପାଲି ଥାନା ସୁନାପାଲିର ମହମ୍ମଦ ବଣ୍ଟି(୩୫)। ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଟାଉନ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ମିଳିଥିବା ସୂଚନା ମତେ ବଣ୍ଟି ଅଟୋ ଚଳାଇ ରୋଜଗାର କରୁଥିବାବେଳେ ତିନିଦିନ ହେଲା ନିଖୋଜ ଥିଲେ। ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଏପରିସ୍ଥଳେ ପୋଖରୀ ପାଣିରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଲେ। ଶରୀରରେ କ୍ଷତ ଚିହ୍ନ ଥିବାରୁ ଯୋଜନାବଦ୍ଧ ଭାବେ ହତ୍ୟା ପରେ ପୋଖରୀକୁ ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଛି।

## ଭିମ୍‌ସାରକୁ ରିଙ୍ଗସିଷ୍ଟମ ମାଧ୍ୟମରେ ୨୪ଘଣ୍ଟିଆ ବିଦ୍ୟୁତ୍ ସେବା

ସମ୍ବଲପୁର,୧୯।୮(ବ୍ୟୁରୋ)

ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ହୀରାକୁଦଠାରେ ଏକ ୧୩୨/୩୩ କେଭି ଗ୍ରୀଡର ଶୁଭାରମ୍ଭ କରାଯାଇଛି। ଏଠାରେ ବସାଯାଇଥିବା ୨ଟି ପାୱାର ଫିଡରକୁ ବିଦ୍ୟୁତ୍ ସରବରାହ ସହିତ ସଂଯୋଗ କରିଦିଆଯାଇଛି। ଏହି ଗ୍ରୀଡ ଉପସ୍ଥାପନା ଦ୍ୱାରା ହୀରାକୁଦ ସହର ବ୍ୟତୀତ ଭିମ୍‌ସାରକୁ ମଧ୍ୟ ଏକ ରିଙ୍ଗ ମାଧ୍ୟମରେ ସଂଯୋଗ କରାଯାଇଛି। ଏହାଦ୍ୱାରା ଭିମ୍‌ସାରକୁ ହୀରାକୁଦ ଗ୍ରୀଡରୁ ଆବଶ୍ୟକ ମୁତାବକ ବିଦ୍ୟୁତ ଯୋଗାଣ କରାଯାଇପାରିବ। ଯଦି କୌଣସି କାରଣରୁ ବିଦ୍ୟୁତ୍ ସେବାରେ ବ୍ୟାଘାତ ଘଟେ ତେବେ ଭିମସାରକୁ ଯେକୌଣସି ଗ୍ରୀଡ ମାଧ୍ୟମରେ ବିଦ୍ୟୁତ୍ ଯୋଗାଇ ଦିଆଯାଇପାରିବ। ଏ ନେଇ ଦୀର୍ଘଦିନରୁ ଅଞ୍ଚଳର ଜନସାଧାରଣ ଦାବି କରିଆସୁଥିଲେ। ଏହି ଗ୍ରୀଡର ସ୍ଥାପନା ଓପିଟିସିଏଲ୍ ସହଯୋଗରେ ଟିପିଡବ୍ଲ୍ୟୁଓଡିଏଲ ଦ୍ୱାରା ୨୫ଲକ୍ଷ ଟଙ୍କା ବିନିଯୋଗରେ କରାଯାଇଛି।



ହୀରାକୁଦଠାରେ ଶୁଭାରମ୍ଭ ହୋଇଥିବା ୧୩୨/୩୩ କେଭି ଗ୍ରୀଡ।

## ଗୁଣବତ୍ତା, ସୁରକ୍ଷା ପାଇଁ ଏମ୍‌ସିଏଲ୍‌କୁ ଶୀର୍ଷ ସମ୍ମାନ

ସମ୍ବଲପୁର,୧୯।୮(ବ୍ୟୁରୋ)

ଉତ୍ପାଦନ, ଗୁଣବତ୍ତା ଓ ସୁରକ୍ଷା ପାଇଁ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍)କୁ ତିନୋଟି ବିଭାଗରେ ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଛି। କମ୍ପାନୀ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓମ୍ ପ୍ରକାଶ ସିଂ କେନ୍ଦ୍ର କୋଇଲା ଖଣି ମନ୍ତ୍ରୀ ତଥା କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। କମ୍ପାନୀ ନିର୍ଦ୍ଦେଶକ (ପର୍ସନାଲ) କେଶବ ରାଓ, ନିର୍ଦ୍ଦେଶକ ବୈଷୟିକ (ଯୋଜନା ଓ ପ୍ରକଳ୍ପ) ଜୁଗଲ କୁମାର ବୋରା, ନିର୍ଦ୍ଦେଶକ (ଅର୍ଥ) ଏ.କେ. ବେହୁରା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ନୂଆଦିଲ୍ଲୀରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ କୋଇଲା ମନ୍ତ୍ରୀଙ୍କ ସହ କୋଇଲା ମନ୍ତ୍ରଣାଳୟର ଡକ୍ଟର ଏ.କେ. ଜେନା ଏବଂ କୋଲ ଇଣ୍ଡିଆ ଲିମିଟେଡର ଅଧ୍ୟକ୍ଷ ପ୍ରମୋଦ ଅଗ୍ରୱାଲ ଉପସ୍ଥିତ ଥିଲେ। ସେହିପରି ଏମ୍‌ସିଏଲ୍‌ର ବସୁନ୍ଧରା କ୍ଷେତ୍ରର ମହାପ୍ରବନ୍ଧକ ସଞ୍ଜୟ ଝା, ହିଙ୍ଗୁଳା କ୍ଷେତ୍ରର ମହାପ୍ରବନ୍ଧକ ଏ.କେ. ସ୍ୱର୍ଣ୍ଣକାର, କଣିହାଁ କ୍ଷେତ୍ର ମହାପ୍ରବନ୍ଧକ ଏ.କେ. ରାଉଳ ଉପସ୍ଥିତ ଥିଲେ।




କୋଇଲା ମନ୍ତ୍ରୀଙ୍କଠାରୁ ଏମସିଏଲ ଅଧ୍ୟକ୍ଷ ଓ ଅନ୍ୟ ଅଧିକାରୀ ପୁରସ୍କାର ଗ୍ରହଣ କରୁଛନ୍ତି।

## ସାର୍ବଜନୀନ ଦୁର୍ଗାପୂଜା କମିଟି ଗଠିତ

ମ.ରାମପୁର,୧୯।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ସହରଠାରେ ଚଳିତବର୍ଷ ସାର୍ବଜନୀନ ଦୁର୍ଗାପୂଜା ପାଇଁ ବୈଠକ କରାଯାଇ ନୂତନ କମିଟି ଗଠିତ ହୋଇଛି। ପୂର୍ବତନ ସଭାପତି ପ୍ରଶାନ୍ତ ସାମନ୍ତରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ହେମନ୍ତ ସାହୁ ବିବରଣୀ ପାଠ କରିଥିଲେ। ଚଳିତବର୍ଷ ପାଇଁ ସଭାପତି ଭାବେ ଚିରାଗ ସିଂଦେଓ, ସମ୍ପାଦକ ଭାବେ ତାପସ ମିଶ୍ର, ଉପସଭାପତି ଭାବେ ପ୍ରବୀଣ ଦୁବେ, ସହସମ୍ପାଦକ ଭାବେ ପାଣ୍ଡବ ମେହେର, ସାଂସ୍କୃତିକ ସମ୍ପାଦକ ଭାବେ ଶିବ ପଟ୍ଟନାୟକ ଓ ଦାଶରଥି ଧଙ୍ଗଡାମାଝି, ପୂଜା ମୁଖ୍ୟ ଭାବେ ଶିବରାମ ଶତପଥି ଓ ମାନଭଜନ ଦାଶ, ସହଯୋଗୀ ଭାବେ ପ୍ରଶାନ୍ତ ସାମନ୍ତରା ପ୍ରମୁଖ ମନୋନୀତ ହୋଇଛନ୍ତି।

## ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟରେ ଶପଥ ପାଠ

ଝାରସୁଗୁଡ଼ା ଅଫିସ,୧୯।୮

ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ଗତ ୧୭ ତାରିଖରେ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟରେ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଶିଶୁ ମଙ୍ଗଳ ସମିତିର ସଭ୍ୟ ସଭ୍ୟା ନିଜ ଉପରେ ନ୍ୟସ୍ତ ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ ସହ ଦେଶ ପ୍ରଗତିରେ ଆନ୍ତରିକ ସହଯୋଗ କରିବାକୁ ଶପଥ କରିଥିଲେ। ଏ ନେଇ ଜିଲାରେ ଗତ ୧୩ ତାରିଖରୁ ରଙ୍ଗୋଲି, ଫ୍ୟାନ୍ସିଡ୍ରେସ ଆଦି ପ୍ରତିଯୋଗିତା ଜାରି ରହିଛି। ଶପଥ ପାଠ ଉତ୍ସବରେ ଜିଲା ସିଡବ୍ଲ୍ୟୁସି ଅଧ୍ୟକ୍ଷା ଆନନ୍ଦିନୀ ପାଢ଼ୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।



ଅଧିକାରୀ ଓ କର୍ମଚାରୀମାନେ ଏକତ୍ରିତ ହୋଇ ଶପଥ ପାଠ କରୁଛନ୍ତି।

## ଆଧ୍ୟାତ୍ମିକ ଦୃଷ୍ଟିକୋଣ ଆଲୋଚନାଚକ୍ର

ସମ୍ବଲପୁର,୧୯।୮(ବ୍ୟୁରୋ)

ଶୁଭ ଜନ୍ମାଷ୍ଟମୀ ଉତ୍ସବ ଓ ଆଧ୍ୟାତ୍ମିକ ଦୃଷ୍ଟିକୋଣ ଆଲୋଚନାଚକ୍ର ସମ୍ବଲପୁର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଦାନୀବନ୍ଧ, ଶିବଦର୍ଶନ ଭବନଠାରେ ବ୍ରହ୍ମକୁମାରୀ ଦୀପାଙ୍କ ମଞ୍ଚ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଧର୍ମର ଗ୍ଲାନି ହେଲେ କିଭଳି ଭଗବାନ ଅବତାର ନିଅନ୍ତି ସେ ବିଷୟରେ ଆଲୋଚନା କରିଥିଲେ। ପଶ୍ଚିମାଞ୍ଚଳ ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମକୁମାରୀ ପାର୍ବତୀ ଜନ୍ମାଷ୍ଟମୀ ଓ ଆଧ୍ୟାତ୍ମିକ ଦୃଷ୍ଟିକୋଣ ଉପରେ ବକ୍ତବ୍ୟ ରଖିଥିଲେ। କ୍ରୋଧ, ଲୋଭ, କାମ, ମୋହ ପ୍ରଭୃତି ଆସୁରିକ ଗୁଣ। ଏହି ଗୁଣ ବୃଦ୍ଧି ହେଲେ ଧର୍ମର ଗ୍ଲାନି ହୋଇଥାଏ। ଧର୍ମରକ୍ଷା ଲାଗି ସୁଗୁଣ ଲୋକଙ୍କ ଆବିର୍ଭାବ ହୋଇଥାଏ ବୋଲି କହିଥିଲେ। ରଙ୍ଗୋଲି ସେବା କେନ୍ଦ୍ରର ବାଳିକାବାଳକ କୃଷ୍ଣ ଓ ରାଧା ବେଶରେ ସୁସଜ୍ଜିତ ହୋଇ ନୃତ୍ୟ ପରିବେଷଣ କରିଥିଲେ।

## କୁଡ଼ାପଡ଼ା ହାଇସ୍କୁଲ ପିଲାଙ୍କୁ ପ୍ରତିଭା ସମ୍ମାନ

କୁଚିଣ୍ଡା,୧୯।୮(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ କୁଲେଇଗଡ ପଞ୍ଚାୟତ କୁଡାପଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ୨୦୨୨ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ୪ ଛାତ୍ରୀଛାତ୍ରଙ୍କୁ ବ୍ଲକ ପ୍ରତିଭା ବିକାଶ ଅଭିଯାନ ପକ୍ଷରୁ ଶୁକ୍ରବାର ସମ୍ମାନିତ କରାଯାଇଛି। ସେମାନେ ହେଲେ ଚିନ୍ମୟ ପଟେଲ, ସୁନୀତା କିଷାନ, ପ୍ରଜ୍ଞା ପ୍ରିୟଦର୍ଶିନୀ ଖର୍ସେଲ ଓ ପ୍ରିୟାସ ପାତ୍ର। ଏହି ଅବସରରେ ନାଏବ ସରପଞ୍ଚ ଲମ୍ବୋଦର କୁମୁରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ସରପଞ୍ଚ ନଳିନୀ କିଷାନ, ସମିତି ସଭ୍ୟା କୁନି କିଷାନ, ପ୍ରତିଭା ବିକାଶ ଅଭିଯାନର ବ୍ଲକ ସଭାପତି ସୁବାସ ଚନ୍ଦ୍ର ନାୟକ, ପ୍ରଧାନ ଶିକ୍ଷକ ଅରବିନ୍ଦ ପଟେଲ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ପ୍ରତିଭାର ବିକାଶ ନିମନ୍ତେ ମାର୍ଗଦର୍ଶନ କରିଥିଲେ। ସଂଯୋଜକ ରମେଶ କିଷାନ ଅତିଥି ପରିଚୟ ଓ ସଂସ୍କୃତ ଶିକ୍ଷକ ଶୁଶିଳ ମହାକୁଳ ଧନ୍ୟବାଦ ଦେଇଥିଲେ।




କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଉଛି।

## ୧ କୁଇଣ୍ଟାଲ ଗଞ୍ଜେଇ ଜବତ: ୪ ଗିରଫ



ଜବତ ହୋଇଥିବା ଗଞ୍ଜେଇ ଓ ଗିରଫ ଅଭିଯୁକ୍ତମାନେ।

ସମ୍ବଲପୁର,୧୯।୮(ବ୍ୟୁରୋ)

ସମ୍ବଲପୁର-ଝାରସୁଗୁଡ଼ା ବିଜୁ ଏକ୍ସପ୍ରେସ ୱେର ଶାସନ ଥାନା କିଲାସମା ନିକଟରେ ଶୁକ୍ରବାର ଅବକାରୀ ବିଭାଗ ସ୍ୱତନ୍ତ୍ର ସ୍କ୍ୱାଡ୍ ଚଢାଉ କରି ଏକ କାର୍ ଭିତରୁ ୧ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏଥିର ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବିହାରର ଗୁରୁ ଖାନ, ପୁଟୁ ଯାଦବ, ଉତ୍ତରପ୍ରଦେଶର ଶିବ ବାହାଦୁର ଓ ମୁନା ପଟେଲ। ଏମାନଙ୍କ ନିକଟରୁ ୧୮ ହଜାର ୫ଶହ ଟଙ୍କା ଓ ୪ ମୋବାଇଲ ଫୋନ ଜବତ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଡେପୁଟି କମିଶନର ରାଜେନ୍ଦ୍ର ଭୋତ୍ରା ସୂଚନା ଦେଇଛନ୍ତି। ସେ ଆହୁରି କହିଥିଲେ, ଶୁକ୍ରବାର ସକାଳେ ଅବକାରୀ ଇନ୍ସପେକ୍ଟର ଶଶିକାନ୍ତ ରଥ ଓ ଦିଲୀପ କୁମାର ବିଜୁ ଏକ୍ସପ୍ରେସ ୱେରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ୟୁପି ନମ୍ବର ଥିବା ଏକ କାର୍ ଦ୍ରୁତ ଗତିରେ ଯାଇଥିଲା। ସନ୍ଦେହ ହେବାରୁ ଅବକାରୀ କର୍ମଚାରୀ ଗାଡି ଅଟକାଇବାକୁ ଚେଷ୍ଟା କରିଥିଲେ। ହେଲେ ନ ଅଟକିବାରୁ ପିଛା କରି କିଲାସମା ନିକଟରେ କାବୁ କରାଯାଇଥିଲା। କାରକୁ ଯାଞ୍ଚ କରିବା ପରେ ସିଟ୍ ତଳୁ ୧ କୁଇଣ୍ଟାଲ ଗଞ୍ଜେଇ ବାହାରିଥିଲା। ଅଭିଯୁକ୍ତମାନେ ଏହି ଗଞ୍ଜେଇ କୋରାପୁଟ ଜିଲା ସିଣ୍ଟୁଡାରୁ ଆଣି ଉତ୍ତରପ୍ରଦେଶ ନେବାକୁ ଯୋଜନା କରିଥିଲେ। ସେମାନେ ନିୟମିତ ଗଞ୍ଜେଇ ଓ ଅନ୍ୟ ନିଶାଦ୍ରବ୍ୟ ଚୋରା ଚାଲଣ କରୁଥିବା ସନ୍ଦେହ କରାଯାଉଛି। ଏହି ଘଟଣାରେ ତଦନ୍ତ ଜାରି ରହିଛି ବୋଲି କହିଥିଲେ।

## ରେଢାଖୋଲ ପୋଲିସ ଦ୍ୱାରା ୧ କୁଇଣ୍ଟାଲ ଜବତ

ରେଢାଖୋଲ,୧୯।୮(ଡି.ଏନ.ଏ.)

ରେଢାଖୋଲ ପୋଲିସ ଶୁକ୍ରବାର ରେଳ ଓଭରବ୍ରିଜ ନିକଟରୁ ଏକ କାର୍ ସହ ୧ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ତେବେ ଘଟଣାସ୍ଥଳରୁ ଚୋରାଚାଲାଣକାରୀ ଫେରାର ହୋଇଯାଇଥିବା ଥାନା ଅଧିକାରୀ ସୁରୁବାବୁ ଛତ୍ରିଆ କହିଛନ୍ତି। ସୂଚନାମତେ ବୌଦ୍ଧ ଅଞ୍ଚଳରୁ ଇଣ୍ଡିଗୋ କାର୍ (ଓଡି୦୨ ଏକେ-୯୧୮୧) ଯୋଗେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ସୂଚନା ପାଇ ରେଢାଖୋଲ ପୋଲିସ ରେଳ ଷ୍ଟେଶନ ଓଭରବ୍ରିଜ ନିକଟରେ ଛକି ରହିଥିଲା। କାର୍ ପହଞ୍ଚିବା ପରେ ତାହାକୁ ଅଟକାଇ ଯାଞ୍ଚ କରିବା ବେଳେ ଚାଳକ ଫେରାର ହୋଇଯାଇଥିଲେ। ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ପ୍ରିତିଶ ପଣ୍ଡାଙ୍କ ଉପସ୍ଥିତିରେ ଉକ୍ତ କାର ଭିତରୁ ୧ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଥିଲା। ଏସ୍‌ଆଇ ସଞ୍ଜୟ କୁଲୁ, ଏଏସ୍‌ଆଇ ମୋହନ ସାହୁ, କନଷ୍ଟେବଲ ଉପେନ୍ଦ୍ର ମିର୍ଦ୍ଧା ପ୍ରମୁଖ ଚଢାଉ କରିଥିଲେ।



ଜବତ ହୋଇଥିବା ଗଞ୍ଜେଇ।

## ସଂକ୍ଷେପରେ

### କେବୁଲ ଚୋରିବେଳେ ପାଚେରି ଧସିଯିବାରୁ ଯୁବକ ମୃତ

**ରାଉରକେଲା ଅଫିସ,୧୯।୮:** ରାଉରକେଲା ପ୍ଲାଣ୍ଟସାଇଟ ଥାନା ମହତାବ ରୋଡ୍ ଅଞ୍ଚଳରେ କେବୁଲ ଚୋରି କରୁଥିବାବେଳେ ପାଚେରି ଧସିଯିବାରୁ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଏମ୍ଡ଼ି ଗୁଫରାମ(୨୨)। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୬।୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଗୁରୁବାର ବିଳମ୍ବିତ ରାତିରେ ଗୁଫରାନ ମହତାବ ରୋଡ୍ ଅଞ୍ଚଳରେ ଏକ ପାଚେରି ଉପରେ ଚଢ଼ି କେବୁଲ ଚୋରି କରୁଥିଲେ। ଏହି ସମୟରେ ହଠାତ୍ କୌଣସି କାରଣରୁ ପାଚେରିଟି ଧସିଯାଇଥିଲା। ଫଳରେ ସେ ପାଚେରି ତଳେ ଚାପି ହୋଇ ଯାଇଥିଲେ। ସକାଳ ହେବାରୁ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କୁ ଉଦ୍ଧାର କରି ଆରଜିଏଚରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ମନ୍ଦିର ହୁଣ୍ଡି ଭାଙ୍ଗି ଲୁଟିନେଲେ ଦୁର୍ବୃତ୍ତ

**ରାଉରକେଲା ଅଫିସ,୧୯।୮:** ରାଉରକେଲା ସେକ୍ଟର-୩ ଥାନା ଅନ୍ତର୍ଗତ ଶକ୍ତିନଗର ଅଞ୍ଚଳରେ ଥିବା ଏକ ମନ୍ଦିର ହୁଣ୍ଡି ଭାଙ୍ଗି ଲୁଟ୍ ହୋଇଛି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୯୪।୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ଶକ୍ତିନଗର ଅଞ୍ଚଳରେ ଏକ ସାଇ ମନ୍ଦିର ଅଛି। ଶୁକ୍ରବାର ଦିନ ସାଢ଼େ ୧୨ଟା ସମୟରେ ପୂଜକ ଦିନେଶ ନନ୍ଦ ମନ୍ଦିର ପହଡ଼ ପକାଇ ଘରକୁ ଯାଇଥିଲେ। ଅପରାହ୍ନ ସାଢ଼େ ୩ଟାରେ କିଛି ଦୁର୍ବୃତ୍ତ ମନ୍ଦିର ଭିତରକୁ ପଶି ହୁଣ୍ଡି ଭାଙ୍ଗି ସମସ୍ତ ଦକ୍ଷିଣାକୁ ନେଇ ଯାଇଥିଲେ। ପୂଜକ ନନ୍ଦ ସନ୍ଧ୍ୟା ଆଳତୀ ଦେବା ପାଇଁ ଅପରାହ୍ନ ୫ଟାରେ ମନ୍ଦିର ଖୋଲିବା ପରେ ହୁଣ୍ଡି ଭଙ୍ଗାଯାଇଥିବା ଦେଖି ପୋଲିସକୁ ଖବର ଦେଇଥିଲେ।

### ପେଟ୍ରୋଲ ବଦଳରେ ବାହାରୁଛି ପାଣି

**ଲହୁଣୀପଡ଼ା,୧୯।୮ (ଡି.ଏନ୍.ଏ.):** ଲହୁଣୀପଡା ବ୍ଲକ ଅନ୍ତର୍ଗତ ୨୧୫ନଂ. ଜାତୀୟ ରାଜପଥର ଶଗଡିଆପୋଷ ଗ୍ରାମଠାରେ ଥିବା ଏକ ପେଟ୍ରୋଲ ପମ୍ପ୍‌ରୁ ପେଟ୍ରୋଲ ବଦଳରେ ପାଣି ବାହାରୁଛି। ଏ ନେଇ ଲୋକମାନେ ଅଭିଯୋଗ କରିବା ସହିତ ପେଟ୍ରୋଲ ଭର୍ତ୍ତି ବୋତଲ ପ୍ରଦର୍ଶନ କରିଥିଲେ। ଶୁକ୍ରବାର ସକାଳୁ କେତେଜଣ ସ୍ଥାନୀୟ ଲୋକ ମୋଟରସାଇକେଲ ଓ କାର୍‌ରେ ପେଟ୍ରୋଲ ପକାଇ ଯିବାର କିଛିବାଟ ପରେ ପ୍ରାୟ ଗାଡ଼ିର ଷ୍ଟାର୍ଟ ବନ୍ଦ ହୋଇଯାଇଥିଲା। କେତେଜଣ ବାଇକ୍ ଟାଙ୍କି ଖୋଲିବାରୁ ପେଟ୍ରୋଲ ବଦଳରେ ପାଣି ରହିଥିବା ଦେଖିବାକୁ ପାଇଥିଲେ। ସେମାନେ ପେଟ୍ରୋଲ ପମ୍ପକୁ ଆସି ଟଙ୍କା ଫେରସ୍ତ କରିବା ପାଇଁ କହି ପାଟିତୁଣ୍ଡ କରିଥିଲେ। ପରେ ଘଟଣା ସମ୍ପର୍କରେ ବଣେଇ ଉପଜିଲାପାଳ ସୁରଞ୍ଜନ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବଣେଇ ଏସିଏସ୍ଓ ଧର୍ମପଦ ଦାସ, ବ୍ଲକ ଯୋଗାଣ ଅଧିକାରୀ ଶ୍ୟାମ ମାଝି, ସେଲ୍ସ ମ୍ୟାନେଜର ନବୀନ କୁମାର ଓ ସ୍ଥାନୀୟ ପୋଲିସ ପହଞ୍ଚି ତନାଘନା କରିବା ସହିତ ପେଟ୍ରୋଲ ପମ୍ପ୍‌କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ତାଲା ପକାଇ ଦେଇଥିବା ଜଣାପଡିଛି।



ସୁନ୍ଦରଗଡ଼ରେ ବନ୍ଦ ପାଳନ ବେଳେ ରାସ୍ତାରୋକୋ କରାଯାଉଛି।



ସୁନ୍ଦରଗଡ଼ରେ ଡିଆରଡିଏ ଛକରେ ଅନଶନ ଚାଲିଛି।

# ଏମ୍ସ ପ୍ରତିଷ୍ଠା ଦାବିରେ ୧୨ ଘଣ୍ଟିଆ ସୁନ୍ଦରଗଡ଼ ବନ୍ଦ ପାଳନ

**ସୁନ୍ଦରଗଡ଼,୧୯।୮(ଡି.ଏନ୍.ଏ.)**

ସୁନ୍ଦରଗଡଠାରେ ରାଜ୍ୟର ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ଦାବିରେ ଶୁକ୍ରବାର ପଶ୍ଚିମ ଓଡିଶା ଯୁବା ମଞ୍ଚ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ ଯୋଗୁ ସୁନ୍ଦରଗଡରେ ଯାନବାହନ ଚଳାଚଳ, ଦୋକାନ ବଜାର ବନ୍ଦ ରହିଥିଲା। ପଶ୍ଚିମ ଓଡିଶା ଯୁବା ମଞ୍ଚର ଏହି ବନ୍ଦ ଡାକରାକୁ ଦଳମତ ନିର୍ବିଶେଷରେ ସମସ୍ତ ସଙ୍ଗଠନ ଓ ସାଧାରଣ ଜନତା ସମର୍ଥନ ଜଣାଇଥିଲେ। ପଶ୍ଚିମ ଓଡ଼ିଶା ଯୁବା ମଞ୍ଚର କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ ରାଉରକେଲା-ସମ୍ବଲପୁର ବିଜୁ ଏକ୍ସପ୍ରେସ ୱେ (ରାଜ୍ୟ ରାଜପଥ-୧୦)ର ରାଣୀ ବଗିଚାପଡ଼ା ବାଇପାସ ଛକ, ଭବାନୀପୁର ଛକ, କିରେଇ ଛକ ଓ କଲେଜ ବାଏପାସ ଛକଠାରେ ରାସ୍ତା ଅବରୋଧ କରି ବସି ରହିବାରୁ ଉଭୟ ପାର୍ଶ୍ୱରେ ଶହଶହ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା। ଫଳରେ ରାଉରକେଲା ଓ ଝାରସୁଗୁଡା ପଟକୁ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଦୋକାନ, ବଜାର, ପେଟ୍ରୋଲ ପମ୍ପ, ବନ୍ଦ ରହିଥିଲା ବେଳେ ପଶ୍ଚିମ ଓଡିଶା ଯୁବା ମଞ୍ଚ ପକ୍ଷରୁ ପିକେଟିଂ କରାଯାଇ ସ୍କୁଲ, କଲେଜ, ଅଫିସ, କଚେରୀ, ବ୍ୟାଙ୍କ, ବୀମା କାର୍ଯ୍ୟାଳୟ, ଡାକଘର ଆଦି ବନ୍ଦ କରିଦେଇଥିଲେ। ହେଲେ କଲେଜଗୁଡିକରେ ଯୁକ୍ତ ଦୁଇ ନାମ ଲେଖା ପ୍ରକ୍ରିୟା ଚାଲିଥିଲେ ମଧ୍ୟ ଯାତ୍ରୀବାହୀ ବସ ଓ ଗାଡି ଚଳାଚଳ ବନ୍ଦ ଥିବାରୁ ଅନେକ ଛାତ୍ରୀଛାତ୍ର ନାମ ଲେଖାଇବା ପାଇଁ ପହଞ୍ଚି ପାରିନାହାନ୍ତି। ସୂଚନାଯୋଗ୍ୟ ଯେ, ସୁନ୍ଦରଗଡ ଠାରେ ଏମ୍ସ ପ୍ରତିଷ୍ଠା ଦାବିରେ ପଶ୍ଚିମ ଓଡିଶା ଯୁବା ମଞ୍ଚ ପକ୍ଷରୁ ୪ଜଣ ସଦସ୍ୟ ଦିନେଶ ପଟେଲ, ଶୁଭମ ମହାପାତ୍ର, ସୁମିତ ଦାସ ଓ ରଞ୍ଜନ ମହାନ୍ଦିଆ ସ୍ଥାନୀୟ ଡିଆରଡିଏ ଛକରେ ଗତ ୧୬ ତାରିଖଠାରୁ ଆମରଣ ଅନଶନରେ ବସିଛନ୍ତି। ହେଲେ ପ୍ରଶାସନ କିମ୍ବା ସରକାରଙ୍କ ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ ଆଲୋଚନା ପାଇଁ କୌଣସି ପ୍ରସ୍ତାବ ମଧ୍ୟ ଆସି ନାହିଁ। ଏ ନେଇ ସୁନ୍ଦରଗଡବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର ସନ୍ଧ୍ୟାରେ ଅନଶନ ସ୍ଥଳରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଓ ସଙ୍ଗଠନର କର୍ମକର୍ତ୍ତାମାନେ ଏକାଠି ହୋଇ ଏହି ବନ୍ଦ ପାଳନକୁ ସମର୍ଥନ ଜଣାଇଥିଲେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପଛୁଆ ଥିବା ଆଦିବାସୀ ବହୁଳ ସୁନ୍ଦରଗଡ଼ ଜିଲା ସମେତ ପଶ୍ଚିମ ଓଡିଶାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ଗତ ୨୦୨୦ ନଭେମ୍ବରରେ ରାଜ୍ୟ ସରକାର ସୁନ୍ଦରଗଡଠାରେ ଏମ୍ସ ପ୍ରତିଷ୍ଠା ପାଇଁ କେନ୍ଦ୍ରକୁ ଚିଠି ଲେଖିଥିଲେ। ଏହା ପରେ ୨୦୨୧ ଏପ୍ରିଲ ୩ ତାରିଖରେ ଦିଲ୍ଲୀ ଏମ୍ସର ଏକ ବୈଷୟିକ ଟିମ ସୁନ୍ଦରଗଡ ଆସି ଏନ୍‌ଟିପିସି ଦ୍ୱାରା ନିର୍ମିତ ମେଡିକାଲ କଲେଜ ଓ ହସପିଟାଲ କୋଠା ଓ ଅନ୍ୟାନ୍ୟ ଭିତ୍ତିଭୂମି ଅନୁଧ୍ୟାନ କରି ଯାଇଥିଲେ। ଏଠାରେ ଏହି ଏମ୍ସ ପ୍ରତିଷ୍ଠା ହେଲେ ସୁନ୍ଦରଗଡ ଜିଲା ସମେତ ପଶ୍ଚିମ ଓଡିଶା ଏବଂ ପଡୋଶୀ ଛତିଶଗଡ଼ ଓ ଝାଡ଼ଖଣ୍ଡ ରାଜ୍ୟର ଲୋକେ ମଧ୍ୟ ସ୍ୱାସ୍ଥ୍ୟ ସେବା ପାଇ ପାରିବେ। ହେଲେ ଏହା ପରେ କେନ୍ଦ୍ର ସରକାର ଏଠାରେ ଏମ୍ସ ପ୍ରତିଷ୍ଠା ନେଇ କୌଣସି ତତ୍ପରତା ପ୍ରକାଶ ନ କରିବା ପରେ କଂଗ୍ରେସ ପକ୍ଷରୁ ଗତ ୨୦୨୧ ଅଗଷ୍ଟ ୭ ତାରିଖରେ ଏହି ଦାବି ନେଇ ସୁନ୍ଦରଗଡ ବନ୍ଦ ପାଳନ କରିବା ସହ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ୧ଲକ୍ଷ ପୋଷ୍ଟକାର୍ଡ ପଠାଯାଇଥିଲା। ଏହା ପରେ ସ୍ଥାନୀୟ ବିଧାୟିକା କୁସୁମ ଟେଟେ ମଧ୍ୟ ୨୦୨୧ ସେପ୍ଟେମ୍ବର ମାସରେ ଏହି ଦାବି ନେଇ ବିରାଟ ମାନବ ଶୃଙ୍ଖଳ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଥିଲେ। ମାତ୍ର ପରିଶେଷରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଓଡିଶାରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ନେଇ କୌଣସି ପ୍ରସ୍ତାବ ନ ଥିବା କହିବା ପରେ ସୁନ୍ଦରଗଡ଼ବାସୀଙ୍କ ଆଶା ମଉଳି ଯିବା ସହ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଦାବି ପ୍ରତି ଅଣଦେଖା କଲେ ଆଗାମୀ ଦିନରେ ଏହି ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ପଶ୍ଚିମ ଓଡିଶା ଯୁବା ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।



ସୁନ୍ଦରଗଡ଼ରେ ବନ୍ଦ ପାଳନ କରାଯାଉଛି।

# ପୌର ଉପାଧ୍ୟକ୍ଷ, କାଉନସିଲରଙ୍କ ପରିଷଦ ବୈଠକ ବର୍ଜନ

## ବିବରଣୀ ପ୍ରଦାନରେ ବିଳମ୍ବତା ଓ ଅନିୟମିତତା ଅଭିଯୋଗ

**ଦେବଗଡ଼୧୯।୮(ଡି.ଏନ.ଏ)**

ଦେବଗଡ ପୌର ପରିଷଦର ତୃତୀୟ ସାଧାରଣ ଅଧିବେଶନ କାର୍ଯ୍ୟକ୍ରମ ରହିଥିବା ବେଳେ ଏହାକୁ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜଙ୍କ ସମେତ ମୋଟ ୬ ଜଣ ଭାଜପା କାଉନସିଲର ଓ ଜଣେ ସ୍ୱାଧୀନ କାଉନସିଲର ଏହାକୁ ବର୍ଜନ କରିଥିବା ଜଣାପଡିଛି। ଗତ ଜୁନ ୨୪ରେ ଅନୁଷ୍ଠିତ ହୋଇଥିବା ଦ୍ୱିତୀୟ ସାଧାରଣ ଅଧିବେଶନର ବିବରଣୀ ପ୍ରଦାନରେ ବିଳମ୍ବ ଏବଂ ଅନିୟମିତତା ଅଭିଯୋଗରେ ଶୁକ୍ରବାର ସେମାନେ ମିଳିତ ଭାବେ ବୈଠକ ବର୍ଜନ ନିଷ୍ପତି ନେବାସହ ଏ ମର୍ମରେ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିସହ ସେମାନଙ୍କୁ ନ୍ୟାୟ ପ୍ରଦାନ କରା ନ ଯିବା ପର୍ଯ୍ୟନ୍ତ ସେମାନେ ଆଗାମୀ ଦିନରେ ହେବାକୁ ଥିବା କୌଣସି ପରିଷଦ ବୈଠକରେ ଯୋଗଦେବେ ନାହିଁ ବୋଲି ଉକ୍ତ ସ୍ମାରକପତ୍ର ଜରିଆରେ ଲିଖିତ ଚେତାବନୀ ଦେଇଥିବା ଜଣାପଡିଛି। ପୌରାଧ୍ୟକ୍ଷା ଏବଂ ପୌର କର୍ମଚାରୀମାନେ ଗତ ଦ୍ୱିତୀୟ ସାଧାରଣ ପରିଷଦ ବୈଠକରେ ଗୃହିତ କିମ୍ବା ଅନୁମୋଦିତ ହୋଇ ନ ଥିବା ପ୍ରସଙ୍ଗ ଗୁଡିକ ଚଞ୍ଚକତା ପୂର୍ବକ ବିବରଣୀ ପୁସ୍ତିକାରେ ଉଲ୍ଲେଖ କରିଥିବା ଦର୍ଶାଇ ଉପରୋକ୍ତ ଉପାଧ୍ୟକ୍ଷ ତଥା ଭାଜପା କାଉନସିଲର ଭୋଜ, ୭ ନମ୍ବର ୱାର୍ଡର ଭାଜପା କାଉନସିଲର ପିଙ୍କି ସାହୁ, ୮ ନମ୍ବର ୱାର୍ଡର ଭାଜପା କାଉନସିଲର ମଧୁସୂଦନ ବାଘ, ୯ ନମ୍ବର ୱାର୍ଡର ଭାଜପା କାଉନସିଲର ସରୋଜିନୀ ମୁଣ୍ଡା, ୧୦ ନମ୍ବର ୱାର୍ଡର ଭାଜପା କାଉନସିଲର ଇତିଶ୍ରୀ ମିଶ୍ର, ୧୧ନମ୍ବର ୱାର୍ଡର ଭାଜପା କାଉନସିଲର କାର୍ତ୍ତିକ ମହାକୁଳ ଓ ୬ ନମ୍ବର ୱାର୍ଡର ସ୍ୱାଧିନ କାଉନସିଲର ଧର୍ମେନ୍ଦ୍ର କୁମାର ଦେବତା ମିଳିତ ଭାବେ ଉକ୍ତ ପରିଷଦ ବୈଠକକୁ ବର୍ଜନ କରିବାସହ ପୌର ନିର୍ବାହୀ ଅଧିକାରୀ ବନମାଳୀ ସେଠୀଙ୍କୁ ଉପରୋକ୍ତ ସ୍ମାରକପତ୍ର ପ୍ରଦାନ କରିଥିବା ଜଣାପଡିଛି।


ପୌର ନିର୍ବାହୀ ଅଧିକାରୀ ବନମାଳୀ ସେଠୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

### ଷ୍ଟିଲ ସିଟିରେ ଜନ୍ମାଷ୍ଟମୀ, ନନ୍ଦୋତ୍ସବ ପାଳନ

**ରାଉରକେଲା ଅଫିସ,୧୯।୮**

ରାଉରକେଲା ସେକ୍ଟର-୬ ସ୍ଥିତ ଶ୍ରୀ ଶ୍ରୀ ସଙ୍କଟେଶ୍ୱର ମହାଦେବ ମନ୍ଦିର ପରିଚାଳନା କମିଟି ତରଫରୁ ଶୁକ୍ରବାର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ପୂଜକ ଭାବେ ନିରଞ୍ଜନ ଦାଶ ଓ ଚିତ୍ତରଞ୍ଜନ ତ୍ରିପାଠୀ ହରିବଂଶ ପାଠ କରିଥିବା ବେଳେ କର୍ତ୍ତା ଭାବେ ପରମାନନ୍ଦ କୁମ୍ଭାର ଓ ଆରତୀ କୁମ୍ଭାର ଦାୟିତ୍ୱ ତୁଲାଇଥିଲେ। ଉପଦେଷ୍ଟା ସହଦେବ ପାଲ, ଉପେନ୍ଦ୍ର ନାଗ, ଅମର ସିଂ ଦୀପ, ବଙ୍ଗାଳୀ ବାଗ, ବୈଶାଖୁ ସୁନା, ଘନଶ୍ୟାମ ସୁନା, ଶ୍ୟାମସୁନ୍ଦର ନନ୍ଦ, ସାଧୁଚରଣ ବିଭାର, ଜୟଲାଲ କୁମ୍ଭାର ଦିଗ୍‌ଦର୍ଶନ ଦେଇଥିଲେ। ଭକ୍ତ ନନ୍ଦ, ଶିବପ୍ରସାଦ ନନ୍ଦ, ମନୁ ନାଗ, ପ୍ରଭାକର କୁମ୍ଭାର, ନରହରି, ଜଗବନ୍ଧୁ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଅଭିମନ୍ୟୁ ଶିକା, ଅର୍ଜୁନ ପାଲ, ଚିନ୍ତାମଣି ନନ୍ଦ, ବିଦ୍ୟାଧର ମହାନନ୍ଦ, ଅର୍ଜୁନ ନାଗ, ଗୋପି ପାଲ, ଗୋବିନ୍ଦ ଦୀପ, ମହେଶ୍ୱର ନାଗ, ରାଘବ ସୁନା ପ୍ରମୁଖ ସଂକୀର୍ତ୍ତନ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଭକ୍ତ ଯୋଗ ଦେଇଥିଲେ।

# ଭାଜପା ନେତା ସହଦେବ ଖାଖାଙ୍କ ପରଲୋକ, କାନ୍ଧ ଦେଲେ ଜୁଏଲ

**ସୁନ୍ଦରଗଡ,୧୯।୮(ଡି.ଏନ.ଏ.)**

ସୁନ୍ଦରଗଡ ଜିଲାରେ ଜନସଂଘ ଓ ଭାଜପାର ମୂଳଦୁଆ ସ୍ଥାପନ କରିଥିବା ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସୁନ୍ଦରଗଡ଼ ଜିଲାର ପୂର୍ବତନ ଜିଲା ସଭାପତି ସ୍ୱର୍ଗତଃ ସହଦେବ ଖାଖାଙ୍କ ଗୁରୁବାର ସନ୍ଧ୍ୟାରେ ପରଲୋକ ଘଟିଛି। ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା।ତାଙ୍କ ପରଲୋକ ଖବର ଜଣାପଡିବା ପରେ ବହୁ ଦଳୀୟନେତୃବୃନ୍ଦ, କର୍ମୀ ଓ ସମର୍ଥକ ତାଙ୍କ ସୁନ୍ଦରଗଡସ୍ଥିତ ବାସଭବନରେ ପହଞ୍ଚିଥିଲେ। ତାଙ୍କ ପାର୍ଥିବ ଶରୀର ଶୁକ୍ରବାର ସୁନ୍ଦରଗଡ଼ ସ୍ଥିତ ପୁରୁଣା ଭାଜପା କାର୍ଯ୍ୟାଳୟ ଠରୁ ଭୋଜପୁର ଭାଜପା କାର୍ଯ୍ୟାଳୟକୁ ନିଆଯାଇଥିଲା । ଏହି ପରିପ୍ରେକ୍ଷୀରେ ଭାଜପା ଜିଲା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଶେଷ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଶେଷ ଦର୍ଶନ ସମୟରେ ସୁନ୍ଦରଗଡ଼ ସାଂସଦ ତଥା ସଂସଦୀୟ ପ୍ରତିରକ୍ଷା କମିଟିର ଅଧ୍ୟକ୍ଷ ଜୁଏଲ ଓରାମ, ଜିଲା ସଭାପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ପଟେଲ, ରାଜ୍ୟ ସମ୍ପାଦିକା ସୁକେଶୀ ଓରାମ, ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟକିଶୋର ମିଶ୍ର, ନରସିଂହ ମିଞ୍ଜ, ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର, ପାନପୋଷ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ବରିଷ୍ଠ ନେତା ଉପେନ୍ଦ୍ର ପ୍ରଧାନ, ମହେନ୍ଦ୍ର ମାଝୀ, ପ୍ରେମସାଗର ଓରାମ, ରଘୁବିର ପାଣ୍ଡେ, କୁଳଦୀପ ସିଂହ, ଜିଲା ସାଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡା ପ୍ରମୁଖ ଭାଜପାର ଶତାଧିକ ବରିଷ୍ଠ ନେତୃମଣ୍ଡଳୀ ଯୋଗଦେଇ ତାଙ୍କ ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ୱର୍ଗତଃ ଖାଖାଙ୍କର ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ ତାଙ୍କ ଗ୍ରାମ ତଳସରା ନିର୍ବାଚନ ମଣ୍ଡଳୀ ବାଲିଶଙ୍କରା ବ୍ଲକ କୁସୁମମରା ପଂଚାୟତ ଅନ୍ତର୍ଗତ ମହୁଲମାଲ ଗ୍ରାମକୁ ନିଆଯାଇଥିଲା। ସେଠାରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଥିଲା। ଖାଖାଙ୍କ ମର ଶରୀରକୁ ସାଂସଦ ଜୁଏଲ ଓରାମ କାନ୍ଧ ଦେଇଥିଲେ।

# ଗୁରୁତରଙ୍କ ନିକଟରେ ଜିଲା ପ୍ରଶାସନ

## ବଜ୍ରପାତରେ ସ୍କୁଲ ଛାତ୍ରୀଛାତ୍ର ଗୁରୁତର ଘଟଣା

**ଦେବଗଡ଼,୧୯।୮ (ଡି.ଏନ.ଏ.)**

ଦେବଗଡ଼ ଜିଲା ତିଳେଇବଣି ବ୍ଲକ ବଡ଼ଛାପଲ ପଞ୍ଚାୟତ ଅନ୍ତର୍ଗତ କୁଟରାପଶି ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ମଧ୍ୟାହ୍ନ ଗୋଟାଏରେ ବଜ୍ରପାତ ଘଟି ୧୭ ଛାତ୍ରୀ ଆହତ ହୋଇଥିବା ବେଳେ ୭ଜଣ ଗୁରୁତର ଥିବା ଜଣାପଡିଛି । ଗୁରୁତର ଛାତ୍ରୀଛାତ୍ର ହେଲେ ଲିକି ପେଣ୍ଟେଇ, ଭବାନୀ ଦେହୁରୀ, ପପିନା ସାହୁ, ଧରିତ୍ରୀ ସାହୁ, ଶାଳିନୀ ସାହୁ, ଶାଳିନୀ ଦେହୁରୀ ଶ୍ରୀନିବାସ ଦେହୁରୀ। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଥିଲା। ସୂଚନାପାଇ ଏସ୍‌ପି ପ୍ରମୋଦ କୁମାର ରଥ ମୁଖ୍ୟ ଚିକିତ୍ସାଳୟକୁ ଆସି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ପରିସ୍ଥିତି ଅନୁଧ୍ୟାନ କରିଥିଲେ। ସେହିପରି ଜିଲାପାଳ ସୌମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶରେ ଦେବଗଡ଼ ତହସିଲଦାର ପଲ୍ଲବୀ ନାୟକ, ତିଳେଇବଣି ବ୍ଲକ ଭାରପ୍ରାପ୍ତ ବିଡ଼ିଓ ସୁନୀଲ ଗୁରୁ, ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ସମେତ ଶିକ୍ଷା ବିଭାଗର ବହୁ ଅଧିକାରୀ ଉପସ୍ଥିତ ରହିଛନ୍ତି। ବଜ୍ରପାତରେ ଗୁରୁତର ଛାତ୍ରୀଛାତ୍ରଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ସୂଚନା ପାଇ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ, ପୌରାଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ଉପନଗରପାଳ ପ୍ରଜିତ କୁମାର ଭୋଜ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ହ୍ୟାପି ଟୁ ହେଲ୍ପର ସଦସ୍ୟମାନେ ଡାକ୍ତରଖାନାରେ ପହଞ୍ଚି ଗୁରୁତର ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟଅବସ୍ଥା ତଦାରଖ କରିଥିଲେ।


ଏସ୍‌ପି ପ୍ରମୋଦ କୁମାର ରଥ ମୁଖ୍ୟ ଚିକିତ୍ସାଳୟକୁ ଆସି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝୁଛନ୍ତି।

# କୁଆଁରମୁଣ୍ଡା ଇଏସ୍ଆଇ ଡିସପେନ୍ସାରୀ ଘେରାଉ

**କୁଆଁରମୁଣ୍ଡା,୧୯।୮(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଶିଳ୍ପ କାରଖାନାରେ କାର୍ଯ୍ୟରତ ଶ୍ରମିକ, କର୍ମଚାରୀମାନଙ୍କ ଇଏସଆଇ କାର୍ଡରେ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ସେବା କୁଆଁରମୁଣ୍ଡାସ୍ଥିତ ଇଏସଆଇ ଡିସପେନ୍ସାରୀରେ ମିଳୁ ନ ଥିବା ଓ ଦାୟିତ୍ୱରେ ଥିବା ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀଙ୍କର ମନୋମୁଖୀ କାର୍ଯ୍ୟକଳାପ ସହ ବୀମାଧାରୀ ରୋଗୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ପ୍ରତିବାଦରେ ଶୁକ୍ରବାର ସିଟୁ ପକ୍ଷରୁ ଡିସପେନ୍ସାରୀ ଘେରାଉ କରାଯାଇଥିଲା। ସିଟୁ ସହବନ୍ଧିତ ସୁନ୍ଦରଗଡ଼ ଇଣ୍ଡଷ୍ଟ୍ରିଆଲ ମଜଦୁର ୟୁନିୟନ(ସିମୁ) ପକ୍ଷରୁ ଏହି ଘେରାଉର ନେତୃତ୍ୱ ନେଇଥିଲାବେଳେ କୁଆଁରମୁଣ୍ଡା ଇଏସଆଇ ଡିସପେନ୍ସରୀ ଡାକ୍ତର ବିକ୍ଷୋଭକାରୀ ଶ୍ରମିକ, କର୍ମଚାରୀମାନଙ୍କ ନେତୃତ୍ୱ ନେଉଥିବା ସିମୁର ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲୀ, ଯଯାତି କେଶରୀ ସାହୁ, ତାଜମୁନ୍ ନେହାରଙ୍କ ସହ ଆଲୋଚନା କରିଛନ୍ତି। ଆଗାମୀ ଦିନରେ ଡିସପେନ୍ସାରୀକୁ ଆସୁଥିବା ରୋଗୀ କିଭଳି ଉପଯୁକ୍ତ ଚିକିତ୍ସା ସେବା ପାଇବେ ସେ ନେଇ ସମସ୍ତ ପ୍ରକାରର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଉତ୍ୟକ୍ତ ୟୁନିୟନ ଶ୍ରମିକ, କର୍ମଚାରୀମାନେ ବିକ୍ଷୋଭ ପ୍ରତ୍ୟାହାର କରିଥିଲେ ।



ସିଟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ବୁରାଟ ଗ୍ରାମରେ ସଫେଇ ଅଭିଯାନ

ମ.ରାମପୁର,(ଡି.ଏନ.ଏ.): କଳାହାଣ୍ଡି ଜିଲା ଅଗ୍ରଣୀ ଅନୁଷ୍ଠାନ ସେବା ଜଗତ ଦ୍ୱାରା ବୃକ୍ଷରୋପଣ ଓ ଗ୍ରାମ ସଫେଇ ଅଭିଯାନ କାର୍ଯ୍ୟକ୍ରମ ଚାଲୁ ରହିଛି। ଏହି କ୍ରମରେ ଶୁକ୍ରବାର ବୁରାଟ ଗ୍ରାମଠାରେ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଥିଲା। ସେବା ଜଗତ ସମ୍ପାଦକ ସତ୍ୟନାରାୟଣ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମହାଶକ୍ତି ଫାଉଣ୍ଡେଶନ କର୍ମୀ ପ୍ରକାଶ ସାହୁ, କମ୍ୟୁନିଷ୍ଟ ନେତା ଲଳିତ ସ୍ୱାଇଁ, ଗ୍ରାମ ଉପମୁରବୀ ପୂର୍ଣ୍ଣ ବିଶି, ସ୍ୱେଚ୍ଛାସେବିନୀ ସୁନିତା ତାଣ୍ଡି ପ୍ରମୁଖ ସହଯୋଗରେ ଯୁବଗୋଷ୍ଠି, ସ୍ୱୟଂ ସହାୟକ ଗୋଷ୍ଠି ସଦସ୍ୟାମାନେ ଏକତ୍ରିତ ହୋଇ ଗ୍ରାମ ସଫେଇ କରିଥିଲେ।

### ସଂକ୍ଷେପରେ

## ଆମପାଣି ଘାଟିରେ ବସ୍-ଟ୍ରକ୍ ମୁହାଁମୁହିଁ ଧକ୍କା

**୨ ଡ୍ରାଇଭରଙ୍କ ସମେତ ୩ ଯାତ୍ରୀ ଗୁରୁତର**

କୋକସରା,୧୯।୮(ଡି.ଏନ.ଏ.): କଳାହାଣ୍ଡି ଜିଲା ସୀମାନ୍ତ ଆମପାଣି ଘାଟିର ଖଡକା ନିକଟରେ ଶୁକ୍ରବାର ସକାଳୁ ଏକ ସରକାରୀ ଯାତ୍ରୀବାହୀ ବସ୍ ସହ ବିପରୀତ ଦିଗରୁ ଆସୁଥିବା ଟ୍ରକ ମଧ୍ୟରେ ଧକ୍କା ହୋଇଛି। ଧକ୍କା ଏତେ ତୀବ୍ର ଥିଲା ଯେ ବସ୍ ଓ ଟ୍ରକର ଆଗପଟ ସମ୍ପୂର୍ଣ୍ଣ ଭାଙ୍ଗି ଚୁରମାର ହୋଇଯାଇଛି। ୨ଗାଡିର ଡ୍ରାଇଭରଙ୍କ ସମେତ ବସ୍‌ର ଜଣେ ମହିଳା ଯାତ୍ରୀଙ୍କ ସମେତ ୨ଜଣ ଆହତ ହୋଇଥିବା ଜଣାପଡ଼ିଛି। ଆମପାଣି ପୋଲିସ ପହଞ୍ଚି ତୁରନ୍ତ କୋକସରା ଓ ଧର୍ମଗଡ ଅଗ୍ନିଶମ କର୍ମଚାରୀଙ୍କୁ ଡକାଇ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିଥିଲା। ଜୟପୁରରୁ ଭବାନୀପାଟଣା ଯାଉଥିବା ସରକାରୀ ବସ (ନଂ.ଓ୭୦୫୩) ଓ ଟ୍ରକ (ନଂ. ଟିଏସ୦୬ ୟୁସି୩୫୮୯) ମଧ୍ୟରେ ଦୁର୍ଘଟଣା ପରେ ଜାତୀୟ ରାଜପଥ ୨୬ରେ ପ୍ରାୟ ୩ ଘଣ୍ଟା ଧରି ଉଭୟ ପଟୁ ଯାତାୟାତ ପ୍ରଭାବିତ ହୋଇଥିଲା। ରାସ୍ତାରୁ ବସକୁ ହଟାଇବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଗୁରୁତର ଡ୍ରାଇଭର ଓ ଯାତ୍ରୀଙ୍କୁ ପାପଡାହାଣ୍ଡି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ନବରଙ୍ଗପୁରକୁ ସ୍ଥାନାନ୍ତର କରାଯାଇଛି। ମୈଦଲପୁର ପୋଲିସ ତଦନ୍ତ ଜାରି ରଖିଛି।

## ସାର୍ବଜନୀନ ଦୁର୍ଗାପୂଜା କମିଟି ଗଠିତ

ମ.ରାମପୁର,୧୯।୮(ଡି.ଏନ.ଏ.): କଳାହାଣ୍ଡି ଜିଲା ମ.ରାମପୁର ସହରଠାରେ ଚଳିତବର୍ଷ ସାର୍ବଜନୀନ ଦୁର୍ଗାପୂଜା ପାଇଁ ବୈଠକ କରାଯାଇ ନୂତନ କମିଟି ଗଠିତ ହୋଇଛି। ପୂର୍ବତନ ସଭାପତି ପ୍ରଶାନ୍ତ ସାମନ୍ତରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ହେମନ୍ତ ସାହୁ ବିବରଣୀ ପାଠ କରିଥିଲେ। ଚଳିତବର୍ଷ ପାଇଁ ସଭାପତି ଭାବେ ଚିରାଗ ସିଂଦେଓ, ସମ୍ପାଦକ ଭାବେ ତାପସ ମିଶ୍ର, ଉପସଭାପତି ଭାବେ ପ୍ରବୀଣ ଦୁବେ, ସହସମ୍ପାଦକ ଭାବେ ପାଣ୍ଡବ ମେହେର, ସାଂସ୍କୃତିକ ସମ୍ପାଦକ ଭାବେ ଶିବ ପଟ୍ଟନାୟକ ଓ ଦାଶରଥି ଧଙ୍ଗଡାମାଝି, ପୂଜା ମୁଖ୍ୟ ଭାବେ ଶିବରାମ ଶତପଥି ଓ ମାନଭନ ଦାଶ, ସହଯୋଗୀ ଭାବେ ପ୍ରଶାନ୍ତ ସାମନ୍ତରା ପ୍ରମୁଖ ମନୋନୀତ ହୋଇଛନ୍ତି। ଉକ୍ତ ବୈଠକରେ ପାଖାପାଖି ୨୫ଜଣ ଯୋଗଦେଇଥିଲେ।

## ସିନାପାଲି, ନିଲଜୀରେ ଜନ୍ମାଷ୍ଟମୀ ପାଳିତ

ସିନାପାଲି,୧୯।୮(ଡି.ଏନ.ଏ.): ନୂଆପଡ଼ା ଜିଲା ସିନାପାଲି ଓ ନିଲଜୀ ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏହି ଅବସରରେ ଶିଶୁ ଭାଇଭଉଣୀମାନଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂକୁଳ ପ୍ରମୁଖ ତୁଳସୀରାମ ମେହେର, ପ୍ରଦୀପ ଜୈନ, ଶିକ୍ଷାବିତ୍ତ ନନ୍ଦକୁମାର ପାତ୍ର, ଶିଶୁମନ୍ଦିର ପରିଚାଳନା କମିଟି ସଭାପତି ରବିନ୍ଦ୍ରନାଥ ଯୋଷୀ, ସମ୍ପାଦକ ବାମଦେବ ଦାଶ, ଆଇନଜୀବୀ ସଞ୍ଜୟ ବେହେରା ଯୋଗଦେଇଥିଲେ। ସେହିଭଳି ନିଲଜୀ ସରସ୍ୱତୀ ଶିଶୁମନ୍ଦିରଠାରେ ମଧ୍ୟ ଶିଶୁ ଭାଇଭଉଣୀମାନେ ବିଭିନ୍ନ ବେଶରେ ସଜେଇ ହୋଇ ଜନ୍ମାଷ୍ଟମୀ ପାଳନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଯାଜ୍ଞସେନୀ କଟା, ସତ୍ୟବ୍ରତ ଗହିର, ତାରାଚନ୍ଦ ପ୍ରଧାନ, ଦୀପକ ସା ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରସାନନ୍ଦ କୁମାରଙ୍କ ସହ ଗୁରୁଜୀଗୁରୁମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଟିର୍ଲିଆମରେ ଝାଡ଼ାବାନ୍ତି, ୬ ଆକ୍ରାନ୍ତ

**ଗାଁରେ ପହଞ୍ଚିଲେ ମେଡିକାଲ ଟିମ୍, ସ୍ଥିତି ଅନୁଧ୍ୟାନ**

କୋକସରା,୧୯।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ ଦୁର୍ଗମ ତଥା ଅପହଞ୍ଚ ଟିର୍ଲିଆମ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିଛି। ଗାଁର ନୁନୋଇ ମାଝି (୫୦), ଲଛମା ମାଝି (୬୦), କମଳ ମାଝି (୨୧), ରୁଦମା ମାଝି (୧୮), ଦୁର୍ଯ୍ୟୋ ମାଝି (୩୫) ଓ ଜଣେ ଶିଶୁ ବେବି ମାଝି (୬) ଆକ୍ରାନ୍ତ ଥିବା ଜଣାପଡ଼ିଛି। ବର୍ତ୍ତମାନ କୋକସରା ଡାକ୍ତରଖାନାରେ ନୁନୋଇ ମାଝି ଓ ବେବି ମାଝି ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ଅବସ୍ଥା ସ୍ଥିର ଥିବା ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ତତ୍ତ୍ୱଦର୍ଶୀ ଦାସ ସୂଚନା ଦେଇଛନ୍ତି। ଶୁକ୍ରବାର ଟିର୍ଲିଆମ ଗାଁରେ ମେଡିକାଲ ଟିମ ସହ ଗ୍ରାମ୍ୟ ପରିମଳ ବିଭାଗ କର୍ମଚାରୀ ପହଞ୍ଚି ଗାଁରେ ଥିବା



ଟିର୍ଲିଆମ ଗାଁରେ ଡାକ୍ତରୀ ଟିମ ଲୋକଙ୍କୁ ଔଷଧ ପ୍ରଦାନ କରୁଛନ୍ତି।

ନଳକୂପ ବିଶୋଧନ କରିବା ସହ ପାନୀୟ ଜଳର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଥିବା ଜଣାପଡିଛି। ଗତ ବୁଧବାର କୋକସରା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଦାସଙ୍କ ନେତୃତ୍ୱରେ ମେଡିକାଲ ଟିମ ଟିର୍ଲିଆମ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେଠାରେ ଆକ୍ରାନ୍ତଙ୍କ ଚିକିତ୍ସା ଆରମ୍ଭ କରିଛନ୍ତି। ଗୁରୁବାର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଚିଦାନନ୍ଦ ପଣ୍ଡାଙ୍କ ନେତୃତ୍ୱରେ ମେଡ଼ିକାଲ ଟିମ ଗାଁରେ ପହଞ୍ଚି ଚିକିତ୍ସା କରିବା ସହ ଔଷଧ ବଣ୍ଟନ କରିଛନ୍ତି। ମେଡିକାଲ ଟିମରେ ଶୁଭେନ୍ଦୁ ପଣ୍ଡା, ସୁଧୀର ଧଙ୍ଗଡା ମାଝି, ସ୍ୱାସ୍ଥ୍ୟକର୍ମୀ କ୍ଷୀରୋଦ ବାଗ, କୃଷ୍ଣଚନ୍ଦ୍ର କାଣ୍ଡ, ଆମପାଣି ସରପଞ୍ଚ ପ୍ରତିନିଧି ମନୋରଞ୍ଜନ ବାଣୁଆ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଗିରିଶ ଚନ୍ଦ୍ର ନାଏକ ପ୍ରମୁଖ ଗ୍ରାମବାସୀଙ୍କୁ ସଚେତନ କରିଛନ୍ତି।

# ୭ କି.ମି. ଷ୍ଟ୍ରେଚରରେ ବୁହାହେଲା ମୃତଦେହ



ଷ୍ଟ୍ରେଚରରେ ବୋହିକି ମୃତ ଦେହ ନିଆଯାଉଛି।

■ ଅପହଞ୍ଚ ଇଲାକାର କରୁଣ କାହାଣୀ

■ ରାସ୍ତା ନ ଥିବାରୁ ଗାଁକୁ ଆସିପାରିଲାନି ଶବବାହାକ ଗାଡ଼ି

ଭବାନୀପାଟଣା,୧୯।୮(ସ୍ୱ.ପ୍ର.)

କଳାହାଣ୍ଡି ଜିଲାର ଦୁର୍ଗମ ତଥା ଅପହଞ୍ଚ ଥୁଆମୂଳ ରାମପୁର ବ୍ଲକରେ ପୁଣି ଏକ ଅଭାବନୀୟ ଦୃଶ୍ୟ ସାମାନାକୁ ଆସିଛି। ଏହି ବ୍ଲକର କେରପାଇ ପଞ୍ଚାୟତ ମୁରଲୀମୁହିଁ ଗ୍ରାମକୁ ଭଲ ରାସ୍ତା ନ ଥିବାରୁ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଶବ ବାହାକ ଗାଡି ଆଣି ନ ପାରି ୭ କି.ମି. ପୂର୍ବରୁ ଛାଡି ଚାଲି ଯାଇଥିଲା। ଫଳରେ ସମ୍ପର୍କୀୟମାନେ ୭ କି.ମି. ଷ୍ଟ୍ରେଚରରେ ମୃତଦେହକୁ ବୋହି ଦୁର୍ଗମ ଅଞ୍ଚଳ ରାସ୍ତା ଦେଇ ଗାଁକୁ ଆଣିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ମୁରଲୀମୁହିଁ ଗ୍ରାମର ମଧୁ ମାଝି (୪୫) ଯୁବକଙ୍କୁ ଜର ହୋଇଥିଲା। ସମ୍ପର୍କୀୟମାନେ ତାଙ୍କୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସମ୍ପର୍କୀୟମାନେ ଗୁରୁବାର ସକାଳେ ତାଙ୍କର ମୃତଦେହକୁ ଶବ ବାହାକ ଗାଡି ଜରିଆରେ ଗାଁକୁ ଆଣୁ ଥିଲେ। ରାସ୍ତା ନ ଥିବାରୁ ଶବ ବାହାକ ଗାଡି ଗାଁକୁ ଯାଇ ନ ପାରି ୭ କି.ମି. ପୂର୍ବରୁ ଛାଡି ଚାଲିଯାଇଥିଲା। ୨୦୧୬ରେ ଶବ ବାହାକ ଗାଡି ନ ଥିବାରୁ ଏହି ବ୍ଲକର ଦାନ ମାଝି ସ୍ତ୍ରୀଙ୍କ ମୃତଦେହକୁ କାନ୍ଧରେ ବୋହିକି ନେବା ଘଟଣା ସେତେବେଳେ ସାରା ଦେଶରେ ଆଲୋଡନ ସୃଷ୍ଟି ହୋଇଥିଲା। ଏହା ପରେ ରାଜ୍ୟ ସରକାର ମହାପ୍ରୟାଣ ନାମରେ ଶବ ବାହାକ ଗାଡିର ଶୁଭାରମ୍ଭ କରିଥିଲେ। ତେବେ ଥୁଆମୂଳ ରାମପୁର ଭଳି ଦୁର୍ଗମ ଅଞ୍ଚଳ ପାଇଁ ଏବେ ବି ଶବବାହାକ ଗାଡି କାମକୁ ଆସୁନାହିଁ।

# ସତନାମୀ ସମାଜ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା



ଖଡ଼ିଆଳ ସତନାମୀ ସମାଜ ପକ୍ଷରୁ ଆୟୋଜିତ କ୍ୟାଣ୍ଡେଲ ଶୋଭାଯାତ୍ରା।

ଖଡ଼ିଆଳ,୧୮।୮(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ସତନାମୀ ସମାଜ ପକ୍ଷରୁ ରାଜସ୍ଥାନର ଜାଲୌର ଜିଲା ସୁରଣ ଗ୍ରାମରେ ପାଣି ପିଇବା ନେଇ ଶିକ୍ଷକଙ୍କ ମାଡରେ ଜଣେ ଦଳିତ ସମାଜର ଚତୁର୍ଥ ଶ୍ରେଣୀ ଛାତ୍ର ଇନ୍ଦ୍ର ମେଘବାଲଙ୍କ ମୃତ୍ୟୁ କରିଥିବା ନେଇ କ୍ୟାଣ୍ଡଲ ଶୋଭାଯାତ୍ରା କରାଯାଇଛି। ଖଡ଼ିଆଳ ଆମ୍ବେଦକର ଛକଠାରେ ଥିବା ଡ. ଭିମରାଓ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ତଳେ କ୍ୟାଣ୍ଡେଲ ରଖି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଖଡ଼ିଆଳ ସତନାମୀ ସମାଜ ପକ୍ଷରୁ ଶତାଧିକ ଜନସାଧାରଣ ଓ ଛାତ୍ରୀଛାତ୍ର କ୍ୟାଣ୍ଡଲ ଯାତ୍ରା କରି ସହର ପରିକ୍ରମା କରି ସମ୍ପୃକ୍ତ ଶିକ୍ଷକଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ଦାବି କରିଥିଲେ । ଦେଶ ସ୍ୱାଧୀନତା ହେବାର ୭୫ ବର୍ଷ ପୂରଣ ଅବସରେ ଅମୃତ ମହୋତ୍ସବ ପାଳନ କରୁଥିବା ବେଳେ ଜଣେ ଦଳିତ ଛାତ୍ରଙ୍କୁ ସାମାନ୍ୟ ଘଟଣାକୁ ନେଇ ମାଡ ମାରିବା ଫଳରେ ମୃତ୍ୟୁ ହେବା ଏ କି ସ୍ୱାଧୀନତା ବୋଲି ସରକାରଙ୍କୁ ପ୍ରଶ୍ନ କରିଥିଲେ। ସତନାମୀ ସମାଜ ରାଜ୍ୟ ପ୍ରଭାରୀ ଜ୍ୟୋତିଲାଲ ବଞ୍ଜାରୀ, ଖଡ଼ିଆଳ ସତନାମୀ ସମାଜ ସଭାପତି ଧରମ ସିଂ, ସତନାମୀ ସମାଜ ଯୁବ ସଭାପତି ଗୋପିଚନ୍ଦ କୁରେ, ହେମନ୍ତ ମନହରେ, ସୁନୀଲ ମହାଲି, ଚନ୍ଦନ ବାଘେଲ, ସୂର୍ଯ୍ୟ ପ୍ରକାଶ ବଞ୍ଜାରୀ, କୁମୁଦିନି ଭତରେଙ୍କ ସମେତ ସତନାମୀ ସମାଜର ସତାଧିକ ଜନସାଧାରଣ ଓ ଛାତ୍ରୀଛାତ୍ର କ୍ୟାଣ୍ଡଲ ଯାତ୍ରାରେ ସାମିଲ ହୋଇଥିଲେ।

## ଖଡ଼ିଆଳ ସହରରେ ଜନ୍ମାଷ୍ଟମୀ, ନନ୍ଦମହୋତ୍ସବ ପାଳିତ

ଖଡ଼ିଆଳ,୧୮।୮(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳର ୩ଟି ଜଗନ୍ନାଥ ମନ୍ଦିର ଏବଂ ଅଞ୍ଚଳର ଅନେକ ଗ୍ରାମ ତଥା ବିଦ୍ୟାଳୟରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏହି ଅବସରରେ ଛୋଟ ଶିଶୁମାନଙ୍କୁ ଶ୍ରୀକୃଷ୍ଣ, ବଳରାମ, ରାଧା, ଯଶୋଦା, ବାସୁଦେବ, ନନ୍ଦ, ସୁଦାମା ବେଶରେ ସୁସଜ୍ଜିତ କରାଯାଇ ଭଗବାନ ଶ୍ରୀ କୃଷ୍ଣଙ୍କ ବାଲ୍ୟ ଜୀବନରେ ଘଟିଥିବା ସମସ୍ତ କାର୍ଯ୍ୟକ୍ରମ ଅଭିନୟ ତଥା ପୌରାଣିକ ଗୀତ ମାଧ୍ୟମରେ ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ୩ମନ୍ଦିର କମିଟି ସଭାପତି ଓ ସମ୍ପାଦକ, ବଡ଼ ଦଧିବାମନ ସଭାପତି ସନାତନ ଠାକୁର, ସାନ ଦଧିବାମନ ସଭାପତି ପ୍ରଦୀପ କୁମାର ମିଶ୍ର, ଜଗନ୍ନାଥ ମନ୍ଦିର ସଭାପତି ମିଲିନ୍ଦ ଖମାରୀ ଓ ସମ୍ପାଦକ ଚନ୍ଦନ ସାହୁ, ଅର୍ଜୁନ ପଣ୍ଡା, ଉପସଭାପତି ଶାଇକେନ୍ଦ୍ର ପାଣିଗ୍ରାହୀ ପରିଚାଳନା କରିଥିଲେ। ଶୁକ୍ରବାର ସକାଳେ ନନ୍ଦ ମହୋତ୍ସବ ପାଳନ କରି ଭଜନ କୀର୍ତ୍ତନରେ ଖଡ଼ିଆଳବାସୀ ନଗର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରା ସହରର ବିଭିନ୍ନ ସ୍ଥାନରେ ସାଧାରଣ ଲୋକେ ବନ୍ଧାପନା କରି ସ୍ୱାଗତ କରିଥିଲେ। ଏଥିରେ କମିଟି ନିର୍ମଳ ଦଣ୍ଡସେନା, ରମେଶ ଚନ୍ଦ୍ର ମହଉତି, ଗୌତମ ଯୋଶୀ, ହରେ କୃଷ୍ଣ ଶବର, ସୁମିତ ସାହୁ, ମନମୋହନ ଶବର, ସୁରେନ୍ଦ୍ର ଦଣ୍ଡସେନା, ମନୋରଞ୍ଜନ

## ମହାବୀର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହେବେ ୩ ପ୍ରତିଭା



ସମ୍ବର୍ଦ୍ଧିତ ପାଇଁ ମନୋନୀତ ୩ ପ୍ରତିଭା

ମ.ରାମପୁର,୧୯।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମହାବୀର (ଏମ୍‌ଏସ୍‌ଏ) ଭବାନୀପାଟଣା ପକ୍ଷରୁ ହେବାକୁ ଥିବା ଚଳିତ ବର୍ଷର ବାର୍ଷିକ ଉତ୍ସବରେ ମ.ରାମପୁରର ୩ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଦିଆଯିବ ବୋଲି ଜଣାପଡ଼ିଛି। ତଦନୁସାରେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଲଳିତ କଳା ଶିଳ୍ପୀ ପୃଥୀରାଜ ସିଂଦେଓଙ୍କୁ ସମ୍ବର୍ଦ୍ଧିତ କରାଯିବ। ଦେଶ ତଥା ବିଦେଶରେ ତାଙ୍କର କଳାକୃତିର ଉଚ୍ଚ ପ୍ରଶଂସା ହୋଇଆସୁଛି। ତାଙ୍କୁ ଓଡିଶା ଲଳିତକଳା ଏକାଡେମୀ ପୁରସ୍କାର, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସ୍କୋଲାରସିପ୍, ଜାପାନ ସରକାରଙ୍କ ସ୍କୋଲାରସିପ୍ ପ୍ରାପ୍ତ ହୋଇଛି। ସମ୍ପ୍ରତି ସେ ଗୁଜୁରାଟର ଭୁଜସ୍ଥିତ କୁଚପୋଟର ଅନୁଷ୍ଠାନରେ ଉପଦେଷ୍ଟା ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ମଦନପୁର ରାମପୁରର କବୟିତ୍ରୀ, ଲେଖିକା, ଅଧ୍ୟାପିକା, ପର୍ବତାରୋହୀ ଲିପ୍ସାମୟୀ ଦୁବେଙ୍କୁ ମଧ୍ୟ ସମ୍ମାନିତ କରାଯିବ। ଦେଶ ଓ ବିଦେଶରେ ବିଭିନ୍ନ ପର୍ବତାରୋହଣ କାର୍ଯ୍ୟକ୍ରମରେ ସାମିଲ ହୋଇ ଗୌରବାନ୍ୱିତ ହୋଇଛନ୍ତି। ସମ୍ପ୍ରତି କର୍ଲାମୁଣ୍ଡା ବ୍ଲକ ତେରେସିଂହା କୌଶିକ ବାବା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷା ଭାବେ କାର୍ଯ୍ୟରତ ଉକ୍ତ ଯୁବପ୍ରତିଭାଙ୍କୁ ପୂର୍ବରୁ ବହୁ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ମ.ରାମପୁର ମହାବିଦ୍ୟାଳୟ କାର୍ଯ୍ୟରତ ଅଧ୍ୟାପକ ଶୈଳେନ୍ଦ୍ର ପ୍ରସାଦ ଆଚାର୍ଯ୍ୟଙ୍କ ଉଦ୍ୟମରେ ଶ୍ରୀରାମମନ୍ଦିର ପ୍ରତିଷ୍ଠା, ରାମଲୀଳା ମହୋତ୍ସବ, କାମନା ଦଣ୍ଡର ପରିବର୍ଦ୍ଧିତ ରୂପରେଖରେ ନାଟକ ନିର୍ଦ୍ଦେଶନା ଓ ରଚନା ମାଧ୍ୟମରେ ସହର ଓ ଗ୍ରାମାଂଚଳରେ ଲୋକକଳାକୁ ଉଦଜୀବିତ କରିରଖିଛନ୍ତି। ପୂର୍ବରୁ ଯୁଗ ଯାତ୍ରୀ ସାହିତ୍ୟ ସଂସଦ, ଗ୍ଲୋବାଲ୍ ଲାଇଭ କ୍ରିଏଟର ଫାଉଣ୍ଡେସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପ୍ରତି ମ.ରାମପୁର ବାସିନ୍ଦା ୩ ପ୍ରତିଭାଙ୍କୁ ରାଜ୍ୟର ଅଗ୍ରଣୀ ସଂସ୍ଥା ମହାବୀର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା କରାଯିବ।

# ମା' ଓ ଶିଶୁଙ୍କ ପୋଷଣ ତାଲିମ

ପଲମ,୧୯।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ଟକର୍ଲା ରାଜିବ ଗାନ୍ଧୀ ସେବାକେନ୍ଦ୍ରଠାରେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟିସ୍ତରୀୟରୁ ୧୭ ଓ ୧୮ତାରିଖ ୨ଦିନ ବ୍ୟାପୀ ପଲମ ଓ ଟକର୍ଲା ପଞ୍ଚାୟତ ଆଶାଦିଦି ଓ ଅଙ୍ଗନୱାଡି କର୍ମୀ ୩୦ଜଣଙ୍କୁ ନେଇ ମା' ଓ ଶିଶୁଙ୍କୁ ନେଇ ତାଲିମ ଶିବିର ହୋଇଯାଇଛି। କାର୍ଯ୍ୟକ୍ରମ କର୍ଲାମୁଣ୍ଡା ଆଇଜିଏସଏସ୍‌ଏସ୍ ସୁପୋଷଣ ପ୍ରୋଜେକ୍ଟ କୋର୍ଡିନେଟର ଅମ୍ବରିସ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଛି। ତାଲିମ ଶିବିରରେ ରାଜ୍ୟସ୍ତରୀୟ ତାଲିମଦାତା କୃଷ୍ଣଚନ୍ଦ୍ର ବାରିକ ଓ ଶିବନାଥ ପଧାନ ଯୋଗଦେଇ ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କୁ ତାଲିମ ପ୍ରଦାନ




ତାଲିମ କାର୍ଯ୍ୟକ୍ରମରେ ସାମିଲ ଅତିଥିମାନେ।

କରିଥିଲେ। ତାଲିମ ଶିବିରରେ ମୁଖ୍ୟଅତିଥି ଭାବେ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିପିଏମ ସବିର ପଧାନ ଯୋଗଦାନ ଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଅତିଥି ଭାବେ ପଲମ, ଟକର୍ଲା ଏଏନଏମ ଅର୍ଣ୍ଣ ମାଝି ଯୋଗଦେଇ ସମସ୍ତଙ୍କୁ ମା' ଓ ଶିଶୁ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଆଇଜିଏସଏସଏସ ସିଆରପି ତିଲେଶ୍ୱର ଗଉଡ, ଜିତୁ ଭୋଇ, ଥବିର ମାଝି ପ୍ରମୁଖ ସହଯୋଗ କରିଥିଲେ।

## ବେହେରା ଜଗନ୍ନାଥ ମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମୋତ୍ସବ

ବେହେରା,୧୯।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ଜଗନ୍ନାଥ ମନ୍ଦିରରେ ଗୁରୁବାର ଶ୍ରୀକୃଷ୍ଣଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଗ୍ରାମର ମହିଳା ଭଜନ ମଣ୍ଡଳୀ ଭଜନ କିର୍ତ୍ତନ କରିବା ସହ ଶିଶୁମାନେ ରାଧା କୃଷ୍ଣ ବେଶରେ ସଜାଇ ହୋଇ ନାଚଗୀତ କରିଥିଲେ। ଜଗନ୍ନାଥ ମନ୍ଦିର ପୂଜକ ମୋହନ ତିୱାରୀ ପୂରାଣ ପାଠ କରିଥିଲେ। ଗ୍ରାମର ଗୋନ୍ତିଆଣିଙ୍କ ସମେତ ଅନେକ ବ୍ରତୀମାନେ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ। ଶୁକ୍ରବାର ନନ୍ଦୋତ୍ସବ ପାଳନ କରାଯାଇ ଗ୍ରାମ ପରିକ୍ରମା ପୂର୍ବକ ଦଧିହାଣ୍ଡି ଭଗ୍ନ କରାଯାଇଥିଲା। ଗ୍ରାମର ଶତାଧିକ ଲୋକ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବେଦାନ୍ତ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର

ଲାଞ୍ଜିଗଡ,୧୯।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜି ପଞ୍ଚାୟତ ମୂଷାନାଳଠାରେ ଲାଞ୍ଜିଗଡ ବେଦାନ୍ତ ଆଲୁମିନା ଓ ବେଦାନ୍ତ ଡାକ୍ତରଖାନା ମିଳିତ ଆନୁକୂଲ୍ୟରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଲାଞ୍ଜି ସରପଞ୍ଚ ଯମୁନା ମାଝି, ଜିଲା ମୁଖ୍ୟ ଡାକ୍ତରଖାନାର ଡ. ବିକାଶ ପ୍ରହରାଜ, ବିଶ୍ୱନାଥପୁର ସିଏଚସି ମୁଖ୍ୟ ନିହାର ରଞ୍ଜନ ସାହୁ, ବେଦାନ୍ତ ଆଲୁମିନା ସିଏସଆର ବିଭାଗ ଦିଲୀପ ପ୍ରଜାପତି, ବେଦାନ୍ତ ମୁଖ୍ୟ ମେଡ଼ିକାଲ ଅଫିସର ଡ଼.ଅକ୍ଷୟ କୁମାର ସାହୁ, ଲାଞ୍ଜି ସମିତି ସଭ୍ୟ ବେଣୁଧର ବାଗ, ବେଦାନ୍ତ ମେଡ଼ିକାଲର ଡ଼.ମଧୁସୂଦନ ରାଓ, ଡ. ଜିତେନ୍ଦ୍ର ବେହେରା, ଡ.ପ୍ରଶାନ୍ତ କୁମାର ପରମଣିକ, ବେଦାନ୍ତ ଡାକ୍ତରଖାନା ମୁଖ୍ୟ ପରିଚାଳକ ଆମର ମହାନ୍ତି, ବିଶ୍ୱନାଥପୁର ସିଏଚସି ବିପିଏମ ସୁଜିତ ସିଂ କୁମାର ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ବିଭିନ୍ନ ପଞ୍ଚାୟତର ୩୭୭ଜଣ ଦିବ୍ୟାଙ୍ଗ, ମହିଳା, ପୁରୁଷ, ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାଗଣାରେ ଔଷଧ ଦିଆଯାଇଥିଲା। ଶିବିରରେ ଲାଞ୍ଜିଗଡ ବେଦାନ୍ତ ଡାକ୍ତରଖାନାର ଅଶୋକ ଖୁରା, ବ୍ଲକ ଆକାଉଣ୍ଟେଣ୍ଟ ମିତ୍ର ଭାନୁ, ଅଭିମନ୍ୟୁ ଚୌଧୁରୀ, ଚନ୍ଦନ ରଣା, ଧର୍ମେନ୍ଦ୍ର ପଣ୍ଡା, ମନୀଷ ମିଶ୍ର, ଧନେଶ୍ୱର ପାତ୍ର ପ୍ରମୁଖ ସହଯୋଗ କରିଥିଲେ।




ଶିବିରରେ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

# ଘର ଭାଙ୍ଗିଲେ, ୧୦ ଏକର ଫସଲ ନଷ୍ଟ କଲେ

**କୁଟିଙ୍ଗ ପଦରରେ ହାତୀ ଉପଦ୍ରବ**

ଲାଞ୍ଜିଗଡ଼,୧୯।୮(ଡି.ଏନ.ଏ.)

ଜଙ୍ଗଲୀ ହାତୀପଲ ଆସି କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ବନାଞ୍ଚଳ ଅଧୀନ କୁଟିଙ୍ଗପଦର ଗାଁରେ ହାତୀ ଉପଦ୍ରବ ଦେଖାଦେଇଛି। ଏଠାରେ ୩ ଜଣଙ୍କ ଘର ଭାଙ୍ଗି ଧାନ, ଚାଉଳ, ମାଣ୍ଡିଆ, କାନ୍ଦୁଲ ଖାଇ ନଷ୍ଟ କରିବା ସହ ଘରେ ଥିବା ଆସବାବପତ୍ର ନଷ୍ଟ କରିଛନ୍ତି। ଏଥିସହ ୧୦ ଏକର ଧାନ ଓ ପନିପରିବା ହାତୀପଲ ନଷ୍ଟ କରି ଦେଇଥିବା ଜଣାପଡ଼ିଛି। ସୂଚନା ମୁତାବକ ବିଶ୍ୱନାଥପୁର ବନାଞ୍ଚଳ ଅଧୀନ ଛତ୍ରପୁର ପଞ୍ଚାୟତ କୁଟିଙ୍ଗପଦର ଗ୍ରାମରେ ବୁଧବାର ରାତିରେ ୧୪ ଟିକିଆ ହାତୀପଲ ନିକଟସ୍ଥ ଜଙ୍ଗଲରୁ ଆସି ଉପଦ୍ରବ କରିଥିଲେ। ପ୍ରଥମେ କୁଟିଙ୍ଗ ପଦର ଗ୍ରାମର ପାତ୍ର ମାଝି, ରବୀ ମାଝି ଓ ବାମନି ମାଝିଙ୍କ ଘର ଭାଙ୍ଗି ଘରେ ଥିବା ଧାନ, ମକା, କାନ୍ଦୁଲ, ଚାଉଳ ଖାଇବା



ହାତୀ ଭାଙ୍ଗିଥିବା ଏକ ଘର।

ସହିତ ଆବାସ ପତ୍ର ମଧ୍ୟ ନଷ୍ଟ କରିଛନ୍ତି। ହାତୀପଲ କୁଟିଙ୍ଗପଦର ଗାଁର ଲାଞ୍ଜିଗଡ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ପକ୍ଷରୁ ୨୫ଜଣ ଆଦିବାସୀଙ୍କୁ ୨୫ ଏକର ବିଭିନ୍ନ ଚାଷ ପାଇଁ ସହାୟତା ଯୋଗାଇ ଦିଆଯାଇଥିବା ପ୍ରାୟ ୧୦ ଏକର ଧାନ, ଝୁଣ୍ଚୁଙ୍ଗ, ବାଇଗଣ ଅନ୍ୟ ଚାଷ ହାତୀପଲ ନଷ୍ଟ କରିଛନ୍ତି। ଖବର ପାଇ ଲାଞ୍ଜିଗଡ ଓପିଇଲିପି କୃଷି ଅଧିକାରୀ ପରମାନନ୍ଦ ରଣା ଘଟଣାର ତଦନ୍ତ କରି କ୍ଷୟକ୍ଷତି ଆକଳନ କରିଛନ୍ତି। ଲାଞ୍ଜିଗଡ ବନ ବିଭାଗ ପକ୍ଷରୁ ଘଟଣାସ୍ଥଳକୁ ଯାଇ କ୍ଷୟକ୍ଷତିର ଆକଳନ କରିଛନ୍ତି। ହାତୀପଲ ଗତ ମଙ୍ଗଳବାର ରାତିରେ ଲାଞ୍ଜିଗଡ ପଞ୍ଚାୟତ ଭଟାଜରି ଗାଁରେ ଥିବା ପ୍ରାଥମିକ ବିଦ୍ୟାଳୟର ୨୦ ଫୁଟ ପାଚେରୀ ଭାଙ୍ଗିବା ସହ ୨ଟି ସ୍କୁଲର ଶୌଚାଳୟ ଭାଙ୍ଗିବା ପରେ ଗାଁରେ ଥିବା କପଡା ମାଝିର ଘର ଭାଙ୍ଗି ଦେଇଥିଲେ। ଭୟରେ ଗାଁ ଲୋକେ ବାଜାବାଜଣା ଧରି ହାତୀ ଘଉଡ଼ାଇ ଥିଲେ। ବର୍ତ୍ତମାନ ମଧ୍ୟ ଏହି ହାତୀପଲ କୁଟିଙ୍ଗପଦର ଗାଁ ନିକଟସ୍ଥ ଜଙ୍ଗଲରେ ରହିଥିବାରୁ ଗାଁ ଲୋକେ ଭୟଭୀତ ହୋଇ ରହିଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଦୁର୍ଗାପୂଜା ପାଇଁ କଳାକାର ବରଣ

ଜାମଟିକ୍ରା,(ଡି.ଏନ.ଏ.): ଅତାବିରା ବ୍ଲକ ଅନ୍ତର୍ଗତ ଗୋଡଭଗାଠାରେ ହେବାକୁ ଥିବା ଦୁର୍ଗାପୂଜା ପାଇଁ ରାବଣ ବରଣ କରାଯାଇଛି। ବରଗଡ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିବା ହୃଷିକେଶ ଭୋଇ ଏଥର ଗୋଡଭଗା ଦୁର୍ଗାପୂଜାରେ ରାବଣ ଭୂମିକାରେ ଅଭିନୟ କରିବେ। ତେଣୁ ଶୁକ୍ରବାର ତାଙ୍କୁ ଦୁର୍ଗାପୂଜା ଓ ଦୁର୍ଗା କମିଟି ତରଫରୁ ବରଣ କରାଯାଇଛି । ଏହି ସମୟରେ କମିଟି ସଦସ୍ୟ ସତୀଶ ଦାସ, ଦେବବ୍ରତ ରଥ, କୁଳମଣି ପ୍ରଧାନ, ଅକ୍ଷୟ କର୍ଣ୍ଣ, ହାରାଧନ ବାରିକ, ସୁରେଶ ଦାସ, ମଧୁସୂଦନ ଶର୍ମା, ରାମକୃଷ୍ଣ ଅଗ୍ରୱାଲ, ସୁଶାନ୍ତ ରଥ ପ୍ରମୁଖ ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ଜିଲା ରେଡକ୍ରସ୍ କମିଟି ବୈଠକ

ବୌଦ୍ଧ,୧୯।୮(ସ୍ୱପ୍ର): ବୌଦ୍ଧଜିଲା ରେଡକ୍ରସ କମିଟି ବୈଠକ ଜିଲାପାଳ ସତ୍ୟରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲାରେ ରେଡକ୍ରସ କାର୍ଯ୍ୟକ୍ରମ ନେଇ ସମୀକ୍ଷା କରାଯିବା ସହିତ ୨୦୨୨-୨୩ରେ ଜିଲା ରେଡକ୍ରସ ସମିତି ପାଇଁ କିପରି ଅଧିକ ପାଣ୍ଠି ଯୋଗାଡ କରାଯାଇପାରିବ ଆଲୋଚନା ହୋଇଥିଲା। ବର୍ଷକୁ ଜିଲାରେ ଦୁଇଟି ସ୍ୱାସ୍ଥ୍ୟ ମେଳା ଆୟୋଜନ କରାଯିବାକୁ ନିଷ୍ପତି ଗ୍ରହଣ କରାଯିବା ସହିତ ଜିଲାର ସମସ୍ତ ଅଧିକାରୀ, କର୍ମଚାରୀ ରେଡକ୍ରସର ଆଜୀବନ ସଦସ୍ୟତା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହିତ ସମସ୍ତ ପଞ୍ଚାୟତ ସମିତି ଓ ଜିଲାପରିଷଦ ସଭ୍ୟମାନେ ରେଡକ୍ରସର ଆଜୀବନ ସଦସ୍ୟତା ଗ୍ରହଣ କରିବାକୁ ନିବେଦନ କରାଯିବା ସହିତ ସମସ୍ତଙ୍କୁ ପ୍ରମାଣପତ୍ର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ରେଡକ୍ରସ ପାଣ୍ଠି ବୃଦ୍ଧି ପାଇଁ ସମସ୍ତ ବସ୍‌ମାଲିକ, ଟାକ୍ସିମାଲିକ, ଟ୍ରକମାଲିକଙ୍କ ସମସ୍ତ ବ୍ୟବସାୟୀକ ପ୍ରତିଷ୍ଠାନର ମାଲିକମାନଙ୍କୁ ରେଡକ୍ରସର ଆଜୀବନ ସଦସ୍ୟଭୁକ୍ତ କରାଯିବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା। ବର୍ଷକରୁ ଅନ୍ୟୁନ ୪ଥର ଜିଲା ରେଡକ୍ରସ ସମିତିର ବୈଠକ ଅନୁଷ୍ଠିତ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା,କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ଉପଜିଲାପାଳ ସନତ୍ କୁମାର ନାଏକ, ଜିଲା ରେଡକ୍ରସର ସମ୍ପାଦକ ବିଜୟ ପ୍ରଧାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତିକା ବଳିୟାରସିଂହ, ଜିଲା ମୁଖ୍ୟଚିକିତ୍ସାଧିକାରୀ ଡା. ଅଭୟ କୁମାର ଦାଶ, ଡିଏସଆର ମଙ୍ଗଲୁ ଭୋଏ, ଜିଲା ଅବକାରୀ ଅଧୀକ୍ଷକ କ୍ରିଷ୍ଣା ନାୟକ, ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ବସନ୍ତ ମହାପାତ୍ର, ଯୁବରେଡକ୍ରସ ସମ୍ପାଦକ ପ୍ରବୀର ଦାଶ ଓ ଜିଲା ରେଡକ୍ରସର ଆଜୀବନ ସଦସ୍ୟମାନେ ଉପସ୍ଥିତ ରହି ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ।

## ଲରମ୍ଭା କଲେଜରେ ଗଙ୍ଗାଧର ଜୟନ୍ତୀ

ଅତାବିରା,୧୯।୮(ଡି.ଏନ.ଏ): ବରଗଡ଼ ଜିଲା ଅତାବିରା ବ୍ଲକ ଲରମ୍ଭା କଲେଜରେ ଶୁକ୍ରବାର ୧୬୧ତମ ଗଙ୍ଗାଧର ଜୟନ୍ତୀ ସମାରୋହ ପାଳିତ ହୋଇଛି। ଏହି ଅବସରରେ କଲେଜ ଅଧ୍ୟକ୍ଷ ଡଃ ପ୍ରମୋଦ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଲରମ୍ଭା କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଅଶୋକ କୁମାର ସାହୁ ମୁଖ୍ୟ ଅତିଥି, ରମ୍ଭେଲା ସ୍ଥିତ ସୁରଜମଲ କଲେଜର ଅଧ୍ୟକ୍ଷ ଡଃ ମନୋଜ କୁମାର ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ। କଲେଜର ଓଡ଼ିଆ ବିଭାଗ ମୁଖ୍ୟ ଡଃ ଶାନ୍ତିଲତା ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କଲେଜ ପ୍ରତିଷ୍ଠାତା ସ୍ୱର୍ଗତ ବ୍ରଜମୋହନ ପଣ୍ଡା ଏବଂ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିଛବିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ବକ୍ତାମାନେ ବ୍ରଜମୋହନ ଏବଂ କବି ଗଙ୍ଗାଧରଙ୍କ ତୁଳନାତ୍ମକ ସାହିତ୍ୟଧାରା ଉପରେ ଆଲୋଚନା କରିଥିଲେ। ଅଧ୍ୟାପିକା ସଂଘମିତ୍ରା ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ କର୍ମଚାରୀ, ଛାତ୍ରୀଛାତ୍ର ଏବଂ ଅଞ୍ଚଳର ସାହିତ୍ୟପ୍ରେମୀ ଯୋଗଦାନ କରିଥିଲେ।



ବନ୍ୟାଜଳ କମିବା ପରେ ଚିଖିଲି ଗାଁ ସ୍କୁଲ ।



ଲୋକେ ଆଶ୍ରୟସ୍ଥଳୀରୁ ନିଜ ଘରକୁ ଫେରୁଛନ୍ତି।

# ବନ୍ୟା ପ୍ରପୀଡ଼ିତଙ୍କ ଜୀବନ ଦୁର୍ବିଷହ

ଅମ୍ବାଭୋନା,୧୯।୮(ଡି.ଏନ.ଏ)

ଛତିଶଗଡ଼ ଉପରମୁଣ୍ଡରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ମହାନଦୀର ଜଳସ୍ତର ବୃଦ୍ଧି ପାଇଥିଲା। ରାୟପୁର ସ୍ଥିତ ଗାଁଗରେଲ ଡ୍ୟାମ୍‌ରୁ ମହାନଦୀକୁ ଅଧିକ ଜଳ ନିଷ୍କାସନ, ଶାଖା ନଦୀ ଗୁଡ଼ିକରେ ଅଧିକ ଜଳ ପ୍ରବେଶ କରିବାରୁ ମହାନଦୀ ଫୁଲି ଉଠି ପାର୍ଶ୍ୱବର୍ତ୍ତୀ ଗ୍ରାମ ଗୁଡ଼ିକୁ ୭ଦିନ ହେଲା ଜଳମଗ୍ନ କରି ରଖିଛି। ହୀରାକୁଦ ଜଳଭଣ୍ଡାରର ପଛୁଆ ପାଣିରେ ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଚିଖିଲି ସମେତ ବେନିଆଁପାଲି, ବରଙ୍ଗାକୋଟ, ଅନ୍ତରାଡ଼ି, ଘୁଘୁରାପାଲି ଆଦି ଗ୍ରାମରେ ୫୦୦ ହେକ୍ଟର ଚାଷଜମି ଜଳମଗ୍ନ ହୋଇଛି। ଚିଖିଲି ଗ୍ରାମରେ ୬ଫୁଟ୍‌ର ବନ୍ୟାଜଳ ପଶି ଆସି ଘରଦ୍ୱାର, ଡଙ୍ଗା, ଜାଲ, ଜାଲେଣି, ପାଲଗଦା ଆଦି ଭସାଇ ନେଇଛି। ବନ୍ଧ, ଗାଡ଼ିଆରେ ମତ୍ସ୍ୟଚାଷୀମାନେ କରିଥିବା ମାଛ ଚାଷ ବନ୍ୟାଜଳରେ ଧୋଇ ହୋଇଯାଇଛି। ଫଳରେ ବନ୍ୟା ପ୍ରପୀଡ଼ିତଙ୍କ ଜୀବନ ଜୀବିକା ଦୁର୍ବିସହ ହୋଇ ପଡ଼ିଛି। ବାରମ୍ବାର ଏଭଳି ବନ୍ୟାସ୍ଥିତି ଯୋଗୁ ଅଞ୍ଚଳର ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ୧୯୬୧, ୧୯୮୦, ୨୦୦୩, ୨୦୦୮, ୨୦୧୪, ୨୦୧୭, ୨୦୨୦, ୨୦୨୧, ୨୦୨୨ ମସିହା ବନ୍ୟାରେ ଚାଷୀଙ୍କ ଚାଷଜମି ସମେତ ଘରଦ୍ୱାର ଆଦି ଉଜୁଡ଼ିଛି। ଜଳସ୍ତର କମିଛି, ହେଲେ ଲୋକଙ୍କ ଦୁର୍ଦ୍ଦଶା କମିନାହିଁ। ସେହିପରି ପୁଣି ଲଘୁଚାପ ଜନିତ ବର୍ଷା ସମ୍ଭାବନା ଥିବାରୁ ବନ୍ୟା ଆଶଙ୍କାର ପୁନରାବୃତ୍ତି ଟଳିନାହିଁ। ଏବେ ମଧ୍ୟ ଉପରୋକ୍ତ ଗ୍ରାମବାସୀ ବନ୍ୟା ଆଶଙ୍କାରେ ରହିଛନ୍ତି। ବନ୍ୟାରେ ଉକ୍ତ ଅଞ୍ଚଳର ୩୬୯ ବିପନ୍ନଙ୍କୁ ଗଣ୍ଡିଆପାଲି ଆଶ୍ରୟସ୍ଥଳୀକୁ ଅଣାଯାଇ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଥିଲା। ତେବେ ବନ୍ୟାଜଳ କମିବାରୁ ୭ଦିନ ପରେ ବିପନ୍ନମାନେ ନିଜ ଘରକୁ ଫେରିଛନ୍ତି। ସେମାନେ ଭଙ୍ଗାଘର, ଗୁହାଳ ସଜାଡ଼ିବାରେ ଲାଗିଛନ୍ତି। ସେହିପରି ଘରେ ସଂରକ୍ଷିତ ଧାନ, ଗହମ, ଚାଉଳ ଓଦା ହୋଇଯାଇଥିବାରୁ ଲୋକେ ଚିନ୍ତିତ ହୋଇ ପଡ଼ିଛନ୍ତି। ପ୍ରଶାସନ ପକ୍ଷରୁ ଯାହା କିଛି ସହାୟତା ମିଳିଛି, ତାହା ସମୁଦ୍ରକୁ ଶଙ୍ଖେ ବୋଲି ବନ୍ୟା ପ୍ରପୀଡ଼ିତ ଲୋକେ କହିଛନ୍ତି। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରାମକୁ ରିଲିଫ୍ ସାମଗ୍ରୀ ପଠାଇଛନ୍ତି। ମାତ୍ର ବନ୍ୟା ଯେଭଳି ଭାବେ ଗ୍ରାମବାସୀଙ୍କ ଜୀବିକାକୁ ଉଜାଡ଼ି ଦେଇଛି, ତୁରନ୍ତ ସେମାନଙ୍କୁ ପର୍ଯ୍ୟାପ୍ତ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ବ୍ରହ୍ମଚାରୀରେ ଶ୍ରୀକୃଷ୍ଣ ନନ୍ଦୋତ୍ସବ ରଥଯାତ୍ରା

ବରଗଡ଼ ଅଫିସ୍,୧୯।୮

ବରଗଡ଼ ବ୍ରହ୍ମଚାରୀରେ ଶ୍ରୀକୃଷ୍ଣ ନନ୍ଦୋତ୍ସବ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶୁକ୍ରବାର ସ୍ଥାନୀୟ ନବ ପ୍ରତିଷ୍ଠିତ ରାଧାକୃଷ୍ଣ ମନ୍ଦିରରୁ ସୁସଜ୍ଜିତ ରଥରେ ରାଧାକୃଷ୍ଣ ଏବଂ ବାଳଗୋପାଳ ବାହାରି ନିକଟସ୍ଥ ରଥଦାଣ୍ଡରେ ବିଜେ ହୋଇଥିଲେ। ପ୍ରସିଦ୍ଧ ବ୍ରହ୍ମଚାରୀ ଶୈବପୀଠରୁ କପିଳେଶ୍ୱର ବାବା ବିମାନରେ ଆସି ରଥଦାଣ୍ଡରେ କୃଷ୍ଣଙ୍କର ସହିତ ସମ୍ମିଳିତ ହୋଇଥିଲେ। ପରେ ନଗର ପରିକ୍ରମା ସାରି ଠାକୁରମାନେ ରତ୍ନ ସିଂହାସନରେ ବିଜେ ହୋଇଥିଲେ। ଧର୍ମସିଂ ଦୋରା ଛେରାପହଁରା କରିଥିଲେ। ଶିଶୁମାନଙ୍କ ରାଧାକୃଷ୍ଣ ବେଶ ଏବଂ ଗ୍ରାମର ଗୌରାଙ୍ଗ ସାଂସ୍କୃତିକ ସଂଘର ସଂକୀର୍ତ୍ତନ ପରିବେଷଣକୁ ଶ୍ରଦ୍ଧାଳୁମାନେ ଉପଭୋଗ କରିଥିଲେ। ଗ୍ରାମବାସୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁବାର ଶ୍ରୀକୃଷ୍ଣ ଜନ୍ମୋତ୍ସବରେ ଦୋଳି ଝୁଲଣ ପାଇଁ ସୁସଜ୍ଜିତ ରଥ ପ୍ରତିଷ୍ଠା ହୋଇଥିଲା। ମୁଖ୍ୟ ପୁରୋହିତ ପଣ୍ଡିତ ଖଗେଶ୍ୱର ମିଶ୍ର ଏବଂ ସହଯୋଗୀ ପଣ୍ଡିତମାନେ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ରମେଶ ପ୍ରଧାନ, ମନୋଜ ଦୋରା, ଭାଗିରଥୀ ସାହୁ, ଅରୁଣ ବଗର୍ତ୍ତୀ, ଶରଦ ବଗର୍ତ୍ତୀ, ସୁବଳ ଦୋରା, ପରେଶ ଖମାରୀ, ଚକ୍ରଧର ଦୋରା, ପୁରନ୍ଦର ଦୋରା ସସ୍ତ୍ରୀକ କର୍ତ୍ତାକାର୍ଯ୍ୟ ନିର୍ବାହ କରିଥିଲେ ।

## ୬ ବର୍ଷ ପରେ ଘରକୁ ଫେରିଲେ ହଜିଲା ପୁଅ



ଜିଲା ଶିଶୁ ମଙ୍ଗଳ ସମିତି କର୍ମକର୍ତ୍ତାଙ୍କ ଗହଣରେ ଉଦୟ ଏବଂ ସମ୍ପର୍କୀୟମାନେ ।

ବରଗଡ଼ ଅଫିସ୍,୧୯।୮

- ନିଖୋଜ ପରେ ଆଖି ବୁଜିଥିଲେ ମା'
- ଘରେ ଏବେ ଶଯ୍ୟାଶାୟୀ ବାପା

ଉତ୍ତର ପ୍ରଦେଶ ରାଜ୍ୟ ସୋନଭଦ୍ର ଜିଲା ସୁଖହାରା ଗ୍ରାମର ଉଦୟ ଓରଫ ରାଜୁ ଗୌଡ଼। ସେ ଉକ୍ତ ଗ୍ରାମର ପଞ୍ଚମ ଗୌଡ଼ଙ୍କ ସାନପୁଅ। ଭାଇ ଭଉଣୀ ମଧ୍ୟରୁ ଉଦୟ ମଧ୍ୟମ ସନ୍ତାନ। ୨୦୧୬ରେ ସେ ଘରୁ ନିଖୋଜ ହୋଇ ଓଡ଼ିଶା ଚାଲିଆସିଥିଲେ। ସେତେବେଳେ ମାନସିକ ଅନଗ୍ରସର ଉଦୟଙ୍କୁ ଅପରେଶନ ମୁସ୍କାନ ଦ୍ୱାରା ବରଗଡ଼ ରୋଡ୍ ରେଳଷ୍ଟେଶନରୁ ଉଦ୍ଧାର କରାଯାଇଥିଲା। ଜିଲା ଶିଶୁ ମଙ୍ଗଳ ସମିତି ଆଦେଶରେ ଜନକେଡ଼ାସ୍ଥିତ ଗୋପବନ୍ଧୁ ସେବା ସଦନରେ ତାଙ୍କୁ ରଖାଯାଇଥିଲା। ତାଙ୍କୁ ବାରମ୍ବାର କାଉନସେଲିଂ ସତ୍ତ୍ୱେ ସେ ନିଜ ପରିଚୟ ଦେଇ ପାରୁ ନ ଥିଲେ। ଗତ ଜୁଲାଇରେ ଉଦୟଙ୍କୁ ପୁଣି କାଉନସେଲିଂ ପରେ ତାଙ୍କ ଠିକଣା ଜଣାପଡ଼ିଥିଲା। ଏହାପରେ ବରଗଡ଼ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସୋନଭଦ୍ର ଜିଲା ପ୍ରଶାସନ ସହିତ ଯୋଗାଯୋଗ କରିଥିଲେ। ଫୋନ୍ ଏବଂ ଚିଠି ମାଧ୍ୟମରେ ସୋନଭଦ୍ର ଜିଲା ପ୍ରଶାସନକୁ ଅବଗତ କରିବା ସହିତ ତଦନ୍ତ କରାଯାଇଥିଲା। ଏହାପରେ ଗୁରୁବାର ଉଦୟଙ୍କ ବଡ଼ଭାଇ ପିଣ୍ଟୁ ଓ ସମ୍ପର୍କୀୟ ଅଜା ବରଗଡ଼ ଆସିଥିଲେ। ସେମାନେ ବରଗଡ଼ ଜିଲା ପ୍ରଶାସନ ଏବଂ ଶିଶୁ ମଙ୍ଗଳ ସମିତି କର୍ତ୍ତୃପକ୍ଷଙ୍କୁ ଭେଟି ହଜିଲା ପୁଅ ଉଦୟଙ୍କୁ ଫେରି ପାଇଥିଲେ। ଶିଶୁ ମଙ୍ଗଳ ସମିତିର ଭାରପ୍ରାପ୍ତ ଅଧ୍ୟକ୍ଷ ବିଦ୍ୟୁତ୍ ଦାଶ, ସଦସ୍ୟା କବିତା ମେହେର, ବିରେନ୍ଦ୍ର ମେହେର, ଗୋପବନ୍ଧୁ ସେବା ସଦନର ଭାରପ୍ରାପ୍ତ ଅଧିକାରୀ କେଶବ ପଟେଲ, ପାଣ୍ଡବ ବିଶ୍ୱାଳ, ଚାଇଲ୍ଡ ଲାଇନ୍‌ର ବିକାଶ ମହାପାତ୍ରଙ୍କ ସହଯୋଗ ଏବଂ ପ୍ରଚେଷ୍ଟାରେ ଶୁକ୍ରବାର ଉଦୟ ପରିବାର ସହିତ ନିଜ ଘରକୁ ଫେରିଥିଲେ। ଇତିମଧ୍ୟରେ ଉଦୟଙ୍କ ମା' ଆଉ ଦୁନିଆଁରେ ନାହାନ୍ତି। ହଜିଲା ପୁଅକୁ ଝୁରି ତାଙ୍କ ଦେହାନ୍ତ ହୋଇସାରି ଥିବାବେଳେ ବାପା ଶଯ୍ୟାଶାୟୀ ଥିବା ଜଣାପଡିଛି।

## ବିଶ୍ୱ ଫଟୋଗ୍ରାଫି ଦିବସରେ ଚାରାରୋପଣ

ପଦ୍ମପୁର,୧୯।୮(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ମଙ୍ଗଳା କୃପା ଭବନରେ ଶୁକ୍ରବାର ବିଶ୍ୱ ଫଟୋଗ୍ରାଫର ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ରାଜବୋଡ଼ାସମ୍ବର ଫଟୋଗ୍ରାଫର ସଂଘ ଉପସଭାପତି ମନୋଜ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏକ ସଭା ହୋଇଥିଲା। ସଭାରେ ସମ୍ପାଦକ ତ୍ରିବିକ୍ରମ ପ୍ରଧାନ, ସହ ସମ୍ପାଦକ ସୁନୀଲ କୁମାର ଦାସ, କୋଷାଧ୍ୟକ୍ଷ ରାଜେଶ ସାହୁ ଉପସ୍ଥିତ ରହି ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ପଦ୍ମପୁର ଉପଖଣ୍ଡ ଅଧୀନ ପଦ୍ମପୁର, ପାଇକମାଲ, ଝାରବନ୍ଧ, ଗାଇସିଲାଟ, ବିଜେପୁର, ସୋହେଲା ବ୍ଲକର ସମସ୍ତ ଫଟୋଗ୍ରାଫର ଯୋଗ ଦେଇଥିଲେ। ସୁଧାଂଶୁ ପଣ୍ଡା, ଜିତେନ ତରିଆ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ନିଲୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପରିବେଶ ସଚେତନତା ସଭା

ଡୁଙ୍ଗୁରିପାଲି,୧୯।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସାରସମାଲ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ସ୍କୁଲର ପ୍ରଧାନଶିକ୍ଷକ ରମାକାନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ପରିବେଶ ସୁରକ୍ଷା ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ବକ୍ତାମାନେ ବୃକ୍ଷରୋପଣ ଦ୍ୱାରା ଉତ୍ତମ ପରିବେଶ ସୃଷ୍ଟି ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫୁଲ୍ଲ ଭୋଇ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ସ୍କୁଲର ସହକାରୀ ଶିକ୍ଷକ ଶତ୍ରୁଘ୍ନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପର୍ଯ୍ୟାୟ ନାମଲେଖା ଆରମ୍ଭ

ଅମରପାଲି,୧୯।୮(ଡି.ଏନ.ଏ.)

**ବୀରମହାରାଜପୁର ଉପଖଣ୍ଡ**

- ଯୁକ୍ତ ୨ କଟ୍ ଅଫ୍ ମାର୍କ ପ୍ରକାଶ
- କଳାରେ ପିଏସ କଲେଜ ଉଲୁଣ୍ଡା,ବିଜ୍ଞାନରେ ପିଏସ କଲେଜ ବୀରମହାରାଜପୁର ଆଗରେ

ରାଜ୍ୟରେ ଯୁକ୍ତ ୨ରେ ନାମଲେଖା ପ୍ରକ୍ରିୟା ଶୁକ୍ରବାରଠାରୁ ଆରମ୍ଭ ହୋଇଯାଇଛି।ଏହି କ୍ରମରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର ସମସ୍ତ କଲେଜରେ ମଧ ନାମଲେଖା ଆରମ୍ଭ ହୋଇଯାଇଛି। ଏହି ଉପଖଣ୍ଡରେ ସମୁଦାୟ ୧୨ଟି ଯୁକ୍ତ ୨ କଲେଜ ରହିଛି। ତନ୍ମଧ୍ୟରୁ ବୀରମହାରାଜପୁର ବ୍ଲକରେ ୫ଟି ଓ ଉଲୁଣ୍ଡା ବ୍ଲକରେ ୭ଟି କଲେଜ ରହିଛି। କେବଳ ବୀରମହାରାଜପୁର ବ୍ଲକର ପଞ୍ଚାୟତ ସମିତି ହାୟର ସେକେଣ୍ଡାରୀ ସ୍କୁଲ ଓ ଉଲୁଣ୍ଡା ବ୍ଲକର ସିଣ୍ଢୋଲ ଆଞ୍ଚଳିକ ହାୟର ସେକେଣ୍ଡାରୀ ସ୍କୁଲରେ ବିଜ୍ଞାନ ଥିବା ବେଳେ ଉଲୁଣ୍ଡା ପଞ୍ଚାୟତ ସମିତି କଲେଜରେ ବାଣିଜ୍ୟ ରହିଛି।ବାକି ସମସ୍ତ କଲେଜରେ କଳା ରହିଛି। ଚଳିତ ଶିକ୍ଷାବର୍ଷ ନାମଲେଖା ପାଇଁ କଟ୍ ଅଫ୍ ମାର୍କ ତାଲିକା ଅନୁସାରେ କଳା ଓ ବାଣିଜ୍ୟରେ ପି.ଏସ କଲେଜ ଉଲୁଣ୍ଡା ଏବଂ ବିଜ୍ଞାନରେ ପିଏସ କଲେଜ ବୀରମହାରାଜପୁର କଲେଜରେ ସର୍ବାଧିକ କଟଅଫ ମାର୍କ ଯାଇଛି। କଳା ପାଇଁ ବୀରମହାରାଜପୁର ବ୍ଲକର ପରମେଶ୍ୱରୀ ହାୟର ସେକେଣ୍ଡାରୀ ସ୍କୁଲରେ ୩୩ ପ୍ରତିଶତ,ବୀରମହାରଜପୁର ମହିଳା କଲେଜରେ ୪୯.୬୭ ପ୍ରତିଶତ, ସୁବଳୟା କଲେଜରେ ୬୦.୮୬ପ୍ରତିଶତ, ଖଣ୍ଡହତା ରବୀନ୍ଦ୍ର ନାଥ କଲେଜରେ ୪୯.୮୩ପ୍ରତିଶତ, ବୀରମହାରାଜପୁର ପିଏସ କଲେଜରେ ୬୦.୮୩ପ୍ରତିଶତ କଟଅଫ ମାର୍କ ଯାଇଛି। ସେହିପରି କଳାରେ ଉଲୁଣ୍ଡା ବ୍ଲକର ସିଣ୍ଢୋଲ ଆଞ୍ଚଳିକ କଲେଜରେ ୫୨ପ୍ରତିଶତ,ଧର୍ମଶାଳ କଲେଜ ରେ ୫୩.୫୦ପ୍ରତିଶତ, ଜାଲୋଏ କଲେଜରେ ୪୪ପ୍ରତିଶତ, ଉଲୁଣ୍ଡା ମା' ମେଟାକାନି କଲେଜରେ ୫୨.୮୩ପ୍ରତିଶତ,କାଦୋବର ମା' ଉମାଦେବୀ କଲେଜରେ ୩୩ପ୍ରତିଶତ, ଉଲୁଣ୍ଡା ପିଏସ କଲେଜରେ ୬୪.୧୭ପ୍ରତିଶତ ଏବଂ କଳାପଥରସ୍ଥିତ ସତ୍ୟବାଦୀ ହାୟର ସେକେଣ୍ଡାରୀ ସ୍କୁଲରେ ୫୫.୮୩ପ୍ରତିଶତ କଟ୍ ଅଫ୍ ମାର୍କ ଯାଇଛି। ସେହିପରି ବିଜ୍ଞାନରେ ପି.ଏସ କଲେଜ ବୀରମହାରାଜପୁରରେ ୬୩.୬୭ପ୍ରତିଶତ କଟ୍‌ଅଫ ମାର୍କ ଥିବା ବେଳେ ସିଣ୍ଢୋଲ କଲେଜରେ ବିଜ୍ଞାନ ପାଇଁ ୫୨.୬୭ପ୍ରତିଶତ କଟଅଫ ମାର୍କ ହୋଇଛି। ବାଣିଜ୍ୟ ପାଇଁ ଉଲୁଣ୍ଡା ପିଏସ କଲେଜରେ ୪୪ପ୍ରତିଶତ କଟ୍‌ଅଫ ମାର୍କ ହୋଇଥିବା ବେଳେ ବୀରମହାରାଜପୁର ପିଏସ କଲେଜ ରେ ଭୋକେଶନାଲ ଏଚଓଆରଟି ପାଇଁ ୪୮.୨୦ପ୍ରତିଶତ ଓ ଭୋକେଶନାଲ ଟିଡି ପାଇଁ ଏହି କଲେଜରେ ୪୯.୮୩ପ୍ରତିଶତ କଟ୍‌ଅଫ ମାର୍କ ହୋଇଛି। ଶୁକ୍ରବାର ଦିନ ପ୍ରଥମ ପର୍ଯ୍ୟାୟର ନାମଲେଖା ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨୫ତାରିଖ ପର୍ଯ୍ୟନ୍ତ ଏହା ଚାଲିବ ବୋଲି ସୂଚନା ମିଳିଛି।

## ଗୋଡ଼ଭଗାରେ ବିଶ୍ୱ ଫଟୋଗ୍ରାଫି ଦିବସ

ସରଣ୍ଡା,୧୯।୮(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡ଼ଭଗାରେ ଶୁକ୍ରବାର ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଛି। ଏହି ଅବସରରେ ଗୋଡ଼ଭଗା ଶିବ ମନ୍ଦିରରେ ଜଳାଶୟୀ ସହିତ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ସଂଘ ସଭାପତି ସଞ୍ଜୟ ରଥଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ସଂଘ ସମ୍ପାଦକ ସୁଦାମ ଚରଣ ମିଶ୍ରଙ୍କ ସଭାପତିତ୍ୱରେ ବିଶ୍ୱ ଫଟୋଗ୍ରାଫି ଦିବସ ଉପଲକ୍ଷେ ଏକ ସଭା ହୋଇଥିଲା। ସଭାରେ ଫଟୋଗ୍ରାଫର ଯୋଶେଫଙ୍କ ପ୍ରତିଛବିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ଏବଂ ମନ୍ଦିର ପରିସରରେ ବୃକ୍ଷଚାରା ରୋପଣ କରାଯାଇଥିଲା। ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।



ଗୋଡ଼ଭଗାରେ ଅନୁଷ୍ଠିତ ବିଶ୍ୱ ଫଟୋଗ୍ରାଫି ଦିବସ।

## ବିକାଶରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବରଗଡ଼ ଅଫିସ୍,୧୯।୮

ବରଗଡ଼ ବିକାଶ ଡିଗ୍ରୀ କଲେଜରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ନାତକ ପରୀକ୍ଷାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ୩୩ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ବିକାଶ ଅଡ଼ିଟୋରିୟମରେ ଶୁକ୍ରବାର ଏକ ସମ୍ବର୍ଦ୍ଧନା ସମାରୋହ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ପ୍ରତିଭାବାନ୍ ଛାତ୍ରୀଛାତ୍ର ତଥା ଅଭିଭାବକଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ। ଏହାସହିତ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଜୀବନରେ ସଫଳତା କାମନା କରିଥିଲେ। କଲେଜ ଅଧ୍ୟକ୍ଷ ତଥା ଅନୁଷ୍ଠାନର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ ସହିତ ବିକାଶ ଡିଗ୍ରୀ କଲେଜ ଛାତ୍ରୀଛାତ୍ରଙ୍କ କ୍ରମାଗତ ସଫଳତା ସମ୍ପର୍କରେ ବିଶଦ ସୂଚନା ପ୍ରଦାନ କରିଥିଲେ। ଉଲ୍ଲେଖନୀୟ, ପ୍ରଥମ ବ୍ୟାଚ୍ ୨୦୧୬ରେ ଉକ୍ତ କଲେଜରୁ ୩ଜଣ ଛାତ୍ରୀଛାତ୍ର ଟପ୍ ଟେନ୍‌ରେ ଥିଲେ। ଚଳିତବର୍ଷ ତାହା ୩୦ରେ ପହଞ୍ଚିଛି। ଉଦ୍ଭିଦ ବିଜ୍ଞାନ ସମ୍ମାନରେ ସନ୍ଦୀପ୍ତା ପୁରୋହିତ ୯.୮୧ ସିଜିପିଏ ରଖି ବିଶ୍ୱବିଦ୍ୟାଳୟରେ ଶୀର୍ଷ ସ୍ଥାନ ରଖିଥିବାବେଳେ ପ୍ରାଣୀ ବିଜ୍ଞାନରେ ଆଶିଷ ଖମାରୀ ୯.୭୩ ସିଜିପିଏ ରଖି ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଟପ୍ପର ଛାତ୍ରୀଛାତ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ଅଜୟ ମହାପାତ୍ର, ବିଜନେସ ସ୍କୁଲ ଅଧ୍ୟକ୍ଷ ଡଃ କ୍ଷୀରୋଦ୍ର ପ୍ରଧାନ, ଲ' ସ୍କୁଲ ଅଧ୍ୟକ୍ଷ ଡଃ ବିକ୍ରମ ଦାସ, ହାୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭାଗୀୟ କୋ-ଅର୍ଡ଼ିନେଟର ସୁରଜ ପଣ୍ଡା, ସୁଦାମ ମିଶ୍ର, ଆଦିତ୍ୟ ପ୍ରଧାନ, ମନ୍ଦର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଲେଜ ଉପାଧ୍ୟକ୍ଷ ଆର୍. ଏସ୍. ଭି. କ୍ରିଷ୍ଣା ଧନ୍ୟବାଦ ଅର୍ପଣ କରିଥିଲେ।



ବିକାଶ କର୍ତ୍ତୃପକ୍ଷଙ୍କ ଗହଣରେ ସମ୍ବର୍ଦ୍ଧିତ କୃତୀ ଛାତ୍ରୀଛାତ୍ରମାନେ ।

**ବନ୍ୟାରେ ଭାସି ଆସିଲା ମୃତଦେହ**

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବାଗବର ପଞ୍ଚାୟତର ବୁରୋଘାଟ-ନୁଆପାଲି ମହାନଦୀ କୂଳରୁ ଜଣେ ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ କରାଯାଇଛି । ମହାନଦୀର ବନ୍ୟା ସମୟରେ ମୃତଦେହ ଅନ୍ୟ କେଉଁ ସ୍ଥାନରୁ ଭାସି ଆସିଥିବା ସନ୍ଦେହ କରାଯାଉଛି । ବୀରମହାରାଜପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ମୃତ ବ୍ୟକ୍ତିଙ୍କ ପରିଚୟ ମିଳିନାହିଁ ।



## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୪୦ଲିଟର ଦେଶୀ ମଦ ଜବତ

ସୋନପୁର,୧୯।୮(ନି.ପ୍ର.): ସୁବର୍ଣ୍ଣପୁର ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ବିନିକା ଅବକାରୀ ବିଭାଗର କର୍ମଚାରୀମାନେ ଅଙ୍ଗନଦୀ ରାସ୍ତାରେ ଶୁକ୍ରବାର ପାଟ୍ରୋଲିଂ କରୁଥିବା ସମୟରେ ଚୋରା ଦେଶୀ ମଦ ଜବତ କରିଛନ୍ତି । ସୋନପୁର ପଟୁ ଆସୁଥିବା ଜଣେ ବାଇକ୍ ଆରୋହୀଙ୍କୁ ସନ୍ଦେହରେ ଯାଞ୍ଚ କରିବା ସମୟରେ ୪୦ଲିଟର ଚୋରା ମଦ ମିଳିଥିଲା । ଏହି ଘଟଣାରେ ତୁଲୁଣ୍ଡୁପାଲି ଗ୍ରାମର ରାଜେନ୍ଦ୍ର ବାରିକ(୨୮)ଙ୍କୁ ଗିରଫ କରାଯାଇଛି । ଚଢ଼ାଉରେ ଏସଆଇ ଗୋବର୍ଦ୍ଧନ ରଣା, ଏଏସଆଇ କେଶବ ଧରୁଆ, ଭେଙ୍କଟ ବେହେରା, ପ୍ରଶାନ୍ତ ପରିଡ଼ା, ମମତା ବାଗ ପ୍ରମୁଖ ସାମିଲ ହୋଇଥିଲେ ।

### ନାବାଳିକା ଅପହରଣ ମାମଲା: ତାମିଲନାଡୁରୁ ୩ ଅଭିଯୁକ୍ତ ଗିରଫ

ତରଭା,୧୯।୮(ଡି.ଏନ.ଏ.): ନାବାଳିକା ଅପହରଣ ଘଟଣାରେ ପୋଲିସ ତିନିଜଣଙ୍କୁ ତାମିଲନାଡୁରୁ ଗିରଫ କରିଛି । ପୋଲିସ ସୂଚନା ଅନୁଯାୟୀ, ତରଭା ଥାନାରେ ବିଭିନ୍ନ ସମୟରେ ତିନୋଟି ଅପହରଣ ମାମଲା ରୁଜୁ ହୋଇଥିଲା । ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିଲା । କୌଣସି ସୂତ୍ରରୁ ଖବରପାଇ ତରଭା ପୋଲିସର ଏକ ସ୍ୱତନ୍ତ୍ର ଦଳ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତାମିଲନାଡୁ ଯାଇଥିଲେ । ତରଭା ଥାନାରେ ୨୩।୩।୨୧ରେ କେସ ନମ୍ବର ୪୬/୨୦୨୧ରେ ଏକ ଅପହରଣ ମାମଲା ରୁଜୁ ହୋଇଥିଲା । ଏହି ମାମଲାର ଅଭିଯୁକ୍ତ ମେଣ୍ଢା ନିବାସୀ ନରେନ୍ଦ୍ର ସୁନା (୨୪)ଙ୍କୁ ତାମିଲନାଡୁରୁ ପୋଲିସ ଗିରଫ କରିଛି। ସେହିପରି ୨୮।୬।୨୧ରେ କେସ ନମ୍ବର ୧୨୪/୨୦୨୧ରେ ରୁଜୁ ଅପହରଣ ମାମଲାର ଅଭିଯୁକ୍ତ ଯଶବନ୍ତ ନାଏକ (୨୩) ଓ ତରଭା ଥାନା କେସ ନମ୍ବର ୧୦୧/୨୦୨୨ ତାରିଖ ୩୦।୦୪।୨୦୨୨ରେ ରୁଜୁ ଅପହରଣ ମାମଲାର ଅଭିଯୁକ୍ତ ଭୁଡ଼ାର ଗ୍ରାମର ସମ୍ରାଟ ଭୁକ୍ତା (୨୧)ଙ୍କୁ ପୋଲିସ ଗିରଫ କରିଛି। ତରଭା ଥାନା ଅଧିକାରୀ ସୁବ୍ରତ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଟିମ ତିନି ଅଭିଯୁକ୍ତଙ୍କୁ ଧରିବା ପାଇଁ ତାମିଲନାଡୁ ଯାଇଥିଲା। ପୋଲିସ ତିନି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତିନି ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି। ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବାର ଥାନା ଅଧିକାରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

### ପୂର୍ବତନ କାଉନସିଲରଙ୍କ ପରଲୋକ

ଟିଟିଲାଗଡ,୧୯।୮(ଡି.ଏନ.ଏ.): ଟିଟିଲାଗଡ଼ ପୌର ପରିଷଦର ପୂର୍ବତନ କାଉନସିଲର ହେମନ୍ତ ଚନ୍ଦନ(୪୧)ଙ୍କ ଶୁକ୍ରବାର ପରଲୋକ ଘଟିଛି । ସେ ଟିଟିଲାଗଡ଼ ପୌରପରିଷଦକୁ ୱାର୍ଡ ନମ୍ବର ୮ରୁ ଦୁଇ ଥର କାଉନସିଲର ଭାବରେ ନିର୍ବାଚିତ ହୋଇଥିଲେ। ଖବରପାଇ ନୀଳଚକ୍ରନଗର ବାସଭବନକୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯାଇ ଶେଷଦର୍ଶନ କରିଥିଲେ । ତାଙ୍କର ବିୟୋଗରେ ଟିଟିଲାଗଡ଼ ବିଧାୟିକା ତଥା ମନ୍ତ୍ରୀ ଟୁକୁନି ସାହୁ ଗଭୀର ଶୋକ ପ୍ରକାଶ କରିଛନ୍ତି ।

# ଯୁବକଙ୍କୁ ହତ୍ୟାକଲେ ମାଓବାଦୀ

ନୂଆପଡ଼ା ଅଫିସ,୧୯।୮

କିଛି ଦିନର ନୀରବତା ପରେ ପୁଣି ମାଓବାଦୀମାନେ ସକ୍ରିୟ ହୋଇଛନ୍ତି। ପୋଲିସ ଇନ୍‌ଫର୍ମର ସନ୍ଦେହରେ ଗୁରୁବାର ରାତିରେ ନୂଆପଡା ଜିଲା ସୁନାବେଡା ଅଭୟାରଣ୍ୟରେ ଜଣେ ଯୁବକଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିବା ସୂଚନା ମିଳିଛି। ମୃତକ ହେଲେ କୋମନା ଥାନା ସୁନାବେଡା ପଞ୍ଚାୟତ ଡେକୁନପାଣି ଗାଁର ଅନ୍ତରାମ ରାଉତ (୪୪)। ସେଠାରେ ମାଓବାଦୀମାନେ ୩ଟି ପୋଷ୍ଟର ଛାଡି ଯାଇଛନ୍ତି। ସେଥିରେ ଉଲ୍ଲେଖ ରହିଛି ଯେ, ପୋଲିସକୁ ଖବର ଦେଉଥିବା ବ୍ୟକ୍ତିଙ୍କୁ ମୃତ୍ୟୁ ଦଣ୍ଡ ମିଳିଥାଏ। ଅନ୍ତରାମ ନୂଆପଡା ଏସ୍‌ପିଙ୍କ ଖବରଦାତା ଭାବେ କାର୍ଯ୍ୟ କରି ଆସୁଥିଲେ। ତାଙ୍କୁ ମାସକୁ ୮ ହଜାର ଟଙ୍କା ପାଉଣା ମିଳୁଥିଲା। ଅନ୍ତରାମଙ୍କର ସୁନାବେଡାଠାରୁ ଛତିଶଗଡ଼ ଆମାମୋରା ପର୍ଯ୍ୟନ୍ତ ନେଟୱର୍କ ରହିଛି। ଅମାମୋରା ଗାଁର ପର୍ଶୁ ଭୁଞ୍ଜିଆଙ୍କୁ ପୋଲିସ ଖବରଦାତା କରିବା ସହିତ ଅଞ୍ଚଳର ଆଉ ୪ଜଣଙ୍କୁ ସାମିଲ କରିଥିବାରୁ ତାଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଗଲା ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି। ପୋଷ୍ଟର ତଳେ ଭାକପା (ମାଓବାଦୀ) ମୈନପୁର-ନୂଆପଡ଼ା ଡିଭିଜନ କମିଟି ବୋଲି ଲେଖା ରହିଛି।

ସୂଚନାଯୋଗ୍ୟ ଯେ, ଗୁରୁବାର ରାତିରେ ଘରକୁ ୩୦/୪୦ଜଣ ଆସି ଉଠୋ ହାମକୋ ପାନି ଦୋ ବହୁତ ପ୍ୟାସ ଲାଗରାହା ହେଁ ବୋଲି କହି ଉଠାଇଥିଲେ। ହେଲେ ଅନ୍ତରାମଙ୍କ ସ୍ତ୍ରୀ ଘରେ କେହିନାହାନ୍ତି, ମୁଁ ଛୋଟ ଛୁଆଙ୍କୁ ସାଙ୍ଗରେ ଶୁଆଇ ଅଛି, ଉଠିପାରିବି ନାହିଁ ବୋଲି କହିଥିଲେ। ଘର ଟିଣ କବାଟ ଭାଙ୍ଗି ମାଓବାଦୀମାନେ ଅନ୍ତରାମଙ୍କୁ ଉଠାଇ ମୁହଁରେ କପଡା ବାନ୍ଧି ଟାଣି ଟାଣି ନେଇଥିଲେ। ସ୍ତ୍ରୀ ପ୍ରତିବାଦ କରିବାରୁ ଆମେ ତାହାକୁ କିଛି କରିବୁ ନାହିଁ, ଉଚିତ ଶିକ୍ଷା ଦେବା ପାଇଁ ନେଉଛୁ ବୋଲି ସେମାନେ କହିଥିଲେ। ସେହି ସମୟରେ ଗାଁର କେତେଜଣ ବ୍ୟକ୍ତି ଛାଡିଦେବା ପାଇଁ ନେହୁରା ହୋଇଥିଲେ ମଧ୍ୟ ମାଓବାଦୀମାନେ ଛାଡି ନ ଥିଲେ। ଅନ୍ତରାମଙ୍କ ମୁଣ୍ଡକୁ ପିଟି ହତ୍ୟା କରି ଗାଁ ମୁଣ୍ଡରୁ ୧୦୦ ମିଟର ଦୂରରେ ଫିଙ୍ଗି ଚାଲି ଯାଇଥିଲେ। ଘଟଣା ପରେ ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ହେଲେ ଖବର ଲେଖାଯିବା ପର୍ଯ୍ୟନ୍ତ ପୋଲିସ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିନାହାନ୍ତି।

ଉଲ୍ଲେଖନୀୟ ଯେ, ଅନ୍ତରାମ ରାଉତ ଛତିଶଗଡ଼ ଆମାମୋରା ପଞ୍ଚାୟତ ନାଗରା ଗାଁର ମୂଳ ବାସିନ୍ଦା। ଗତ ୨୦ ବର୍ଷ ହେବ ଡେକୁନପାଣି ଗାଁର ଗଣ୍ଡାରାମ ରାଉତଙ୍କ ଝିଅ ଧର୍ମି ଦେଇଙ୍କୁ ବିବାହ କରି ନାଗରା ଗାଁ ଛାଡି ଡେକୁନପାଣିରେ ରହି ଆସୁଥିଲେ। ତାଙ୍କର ସ୍ତ୍ରୀ ଧର୍ମୀଙ୍କ ସହ ୬ ଝିଅଙ୍କୁ ଧରି ଏଠାରେ ରହି ଆସୁଥିଲେ। ସେ କୁଲି ମଜୁରି, ଗାଁ ଗାଈ, ମଇଷି ଚରାଇବା ସହିତ ଦାଦନ ଶ୍ରମିକ ଭାବେ କାମ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ଘର ମୁଖିଆ ଚାଲି ଯିବାରୁ ସ୍ତ୍ରୀ ଓ ୬ ଝିଅ ବେସାହାରା ହୋଇ ପଡିଛନ୍ତି।


ମୃତ ଅନ୍ତରାମଙ୍କ ପରିବାରବର୍ଗ ।

**ପୋଲିସ ଇନ୍‌ଫର୍ମର ସନ୍ଦେହ**

# ତ୍ରିରଙ୍ଗା ଉଡ଼ାଇବା ନିୟମ ଉଲ୍ଲଂଘନ

ଲାଠୋର,୧୯।୮(ଡି.ଏନ.ଏ.)

ସରକାରୀ ନିର୍ଦ୍ଦେଶ ଅନୁସାରେ ଚଳିତବର୍ଷ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଦେଶ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଛି । ଏହି ପରିପ୍ରେକ୍ଷୀରେ ଯିଏ ଯେଉଁଠି ପାରିଲା ତ୍ରିରଙ୍ଗା ଉଡ଼ାଇ ଥିବାର ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଅଞ୍ଚଳରେ ଦେଖିବାକୁ ମିଳିଛି। ଜାତୀୟ ପତାକା ସବୁବେଳେ ଉଚ୍ଚରେ ଉଡ଼ିବା କଥା । ହେଲେ କେଉଁଠି ତ୍ରିରଙ୍ଗା ନଇଁ ପଡ଼ିଛି ତ ଆଉ କେଉଁଠି ଅନ୍ୟ ପତାକା ତଳେ ଉଡୁଛି। କରୁଆଝର ପଞ୍ଚାୟତ କାର୍ଯ୍ୟାଳୟ ପାଚେରି ଗ୍ରୀଲର ଉଭୟ ପାର୍ଶ୍ୱରେ ଲାଗିଥିବା ତ୍ରିରଙ୍ଗା ନଇଁ ପଡ଼ିଥିବା ଦେଖିବାକୁ ମିଳିଛି। ସେହିପରି ଲାଠୋର ଗ୍ରାମର ଏକ କୋଠାଘର ଉପରେ ଅନ୍ୟ ଏକ ପତାକା ଲାଗିଥିବା ବେଳେ ତଳେ ତ୍ରିରଙ୍ଗା ଉଡୁଛି। ତ୍ରିରଙ୍ଗା ଉଡାଇବାର ନିୟମ କେହି ମାନୁ ନ ଥିବା ବେଳେ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଅଞ୍ଚଳର ସଚେତନ ନାଗରିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ଏ ନେଇ ମାଲପଡା ଗ୍ରାମର ବିଷ୍ଣୁ ବାଗ କହିଛନ୍ତି ପିଲାଟି ଦିନରୁ ଆମେ ଦେଖି ଆସୁଛୁ ଆମ ଅଞ୍ଚଳରେ ଜାତୀୟ ପତାକାକୁ ଏପରି ଅସମ୍ମାନ ହୋଇ ନ ଥିଲା। ଚଳିତବର୍ଷ ଯିଏ ଯେଉଁଠି ପାରିଲା ପତାକା ଉଡ଼ାଇଲା, କେହି ତାର ମର୍ଯ୍ୟାଦାକୁ ଧ୍ୟାନ ନ ଦେବା ନିଶ୍ଚିତ ଦୁର୍ଭାଗ୍ୟଜନକ ଲାଠୋର ପଞ୍ଚାୟତ ଡ଼ିଗ୍ରୀ କଲେଜ ଅଧ୍ୟକ୍ଷ ପ୍ରସନ୍ନ ଦାସ କହିଛନ୍ତି , ତ୍ରିରଙ୍ଗାର ମର୍ଯ୍ୟାଦାକୁ ବୁଝି ନ ପାରି ଯିଏ ଯେମିତି ପାରିଲା ଗାଡ଼ି, ମୋଟର ତଥା ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଉଡ଼ାଇଲେ। ଯାହାକି ଫ୍ଲାଗ କୋଡ଼କୁ ଉଲ୍ଲଂଘନ କରୁଛି। ସାମାଜିକ କର୍ମୀ ଶତ୍ରୁଘ୍ନ ନାଏକ କହିଛନ୍ତି ପ୍ରଶାସନ ଯତ୍ନବାନ ହୋଇ ତ୍ରିରଙ୍ଗା ପ୍ରତି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଯେଉଁମାନେ ନିୟମ ମାନୁ ନାହାନ୍ତି ସେ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା।

# ସୋନପୁର ମହାବିଦ୍ୟାଳୟରେ ଗଙ୍ଗାଧର ମେହେର ଜୟନ୍ତୀ


ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ ।

ସୋନପୁର,୧୯।୮(ନି. ପ୍ର.)

ସୋନପୁର ମହାବିଦ୍ୟାଳୟର ଓଡିଆ ବିଭାଗ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ବିଭାଗୀୟ ମୁଖ୍ୟ ଡ.ସୌରଭ ରଞ୍ଜନ ଖମାରୀ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଇଂରାଜୀ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. କଳ୍ପନା ମିଶ୍ର ଯୋଗଦେଇ କବିଙ୍କ ଲେଖାରେ ଅଧ୍ୟାତ୍ମିକତା ସହ ମାନବିକ ମୂଲ୍ୟବୋଧର ଅପୂର୍ବ ସମନ୍ୱୟର ଅବତାରଣା କରିଥିଲେ। ଅନ୍ୟତମ ବକ୍ତା ଭାବରେ ଯୋଗଦେଇ ଅଧ୍ୟାପକ ସରୋଜ କୁମାର ଜଗଦଲା ଓ ଡ. ଇତିଶ୍ରୀ ଦାସ କବିଙ୍କ ରଚନାରେ ଥିବା ପ୍ରକୃତି ଚିତ୍ରଣ , ସତ୍ୟ ଶିବ ସୁନ୍ଦରର ବିଶ୍ଲେଷଣ ଆଦି ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅଧ୍ୟାପକ ମୀନକେତନ କୁମ୍ଭାର, ଅଧ୍ୟାପିକା ନୀଳିମା ପ୍ରଧାନଙ୍କ ସହ ବିଭାଗର ଛାତ୍ରୀଛାତ୍ରମାନେ ବିଶେଷ ଭୂମିକା ଗ୍ରହଣ କରିଥିଲେ । ଶେଷବର୍ଷ ଛାତ୍ର ଗୁପ୍ତେଶ୍ୱର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରତିଶ୍ରୁତି ପରେ ସ୍କୁଲରୁ ତାଲା ଖୋଲିଲେ ଅଭିଯୋଗକାରୀ


ବ୍ଲକ ଅଧ୍ୟକ୍ଷ, ବିଡିଓ ସ୍କୁଲ ପାଖରେ ଉପସ୍ଥିତ ରହି ଆଲୋଚନା କରୁଛନ୍ତି।

ଗୋଲାମୁଣ୍ଡା,୧୯।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଖାଲିଆକାନି ପ୍ରାଥମିକ ବିଦ୍ୟାଳୟ ଯେଉଁ ସ୍ଥାନରେ ନିର୍ମାଣ ହୋଇଛି ସେହି ସ୍ଥାନ ଅନ୍ୟ ଜଣଙ୍କ ନାମରେ ଥିବା ଅଭିଯୋଗ ହୋଇଛି। ଏ ନେଇ ଅଭିଯୋଗକାରୀ ଉକ୍ତ ଗ୍ରାମର ଭଗବାନ ମାଝି ମୋ ସ୍ଥାନରେ ସ୍କୁଲ ହୋଇଥିବା କହି ଶୁକ୍ରବାର ସ୍କୁଲରେ ତାଲା ପକାଇ ପ୍ରତିବାଦ କରିଥିଲେ। ସ୍କୁଲ ଥିବା ଜମି ମୋର, ମୁଁ ମୋ ଜମି ଛାଡିବିନାହିଁ ବୋଲି ସେ କହିଥିଲେ। ସ୍କୁଲ ପ୍ରଧାନ ଶିକ୍ଷକ ଓ ସ୍କୁଲ କମିଟି ଆସି ବୁଝାଶୁଝା କରିଥିଲେ ମଧ ସେ ବୁଝି ନ ଥିଲେ। ପରେ ସ୍କୁଲ କମିଟି ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡିଓ ସ୍ନିଗ୍ଧରାଣୀ ପ୍ରଧାନ, ବିଇଓ ନବ ସାହୁ, ତହସିଲଦାର ସର୍ବେଶ୍ୱର ଜାଲ ସମସ୍ତେ ଘଟଣାସ୍ଥଳରେ ପହଞ୍ଚି ଭଗବାନଙ୍କୁ ବୁଝାଶୁଝା କରିଥିଲେ। ବ୍ଲକ ଅଧ୍ୟକ୍ଷ ମହାନନ୍ଦ ଭିଡିଓ କଲ ମାଧ୍ୟମରେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କ ସହିତ କଥା କରାଇ ତାଙ୍କୁ ଜମି ବଦଳରେ ଜମି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପରେ ଜମି ମାଲିକ ସ୍କୁଲ ତାଲ ଖୋଲିଥିଲେ। ସମସ୍ତ ଛାତ୍ରୀଛାତ୍ର ସ୍କୁଲ ଭିତରକୁ ଯାଇ ପାଠପଢା ଆରମ୍ଭ କରିଥିଲେ।

# ସିଲୁଆଁ ଉଚ୍ଚ ବିଦ୍ୟାଳୟର ୨ ଶିକ୍ଷକ ନିଲମ୍ବିତ

**ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ**

ଟିଟିଲାଗଡ଼, ୧୯।୮ (ଡି.ଏନ.ଏ.)

ବିଦ୍ୟାଳୟରେ ଅଧିକାଂଶ ସମୟରେ ଅନୁପସ୍ଥିତ ରହିବା କାରଣରୁ ଟିଟିଲାଗଡ ବ୍ଲକ ଅନ୍ତର୍ଗତ ସିଲୁଆଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୨ ଜଣ ଶିକ୍ଷକଙ୍କୁ ଶୁକ୍ରବାର ନିଲମ୍ବିତ କରାଯାଇଛି । ଏହାଛଡା ଏହି ଘଟଣାରେ ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ଗତ ମଙ୍ଗଳବାର ଶିକ୍ଷକ ଅନୁପସ୍ଥିତ ରହିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା । ଦୁଇ ଦିନ ଧରି ବିଦ୍ୟାଳୟରେ ଟିଟିଲାଗଡ ବ୍ଲକ ଉପାଧ୍ୟକ୍ଷ ଜଗତରାମ ରଣା, ସରପଞ୍ଚ ହରିହର କଟାଙ୍କ ନେତୃତ୍ୱରେ ତାଲା ପକା ଯାଇଥିଲା। ଏନେଇ ଉପଜିଲାପାଳ ମନୋଜ ସତ୍ୟବାନ ମହାଜନ, ବ୍ଲକ ଶିକ୍ଷା ଅଧିକାରୀ ପ୍ରବିର ପଣ୍ଡା, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅଭିରାମ ମାଝୀ ଗ୍ରାମକୁ ଗସ୍ତ କରି ତଦନ୍ତ କରିବା ପରେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବ୍ଲକ ଶିକ୍ଷାଅଧିକାରୀ ପଣ୍ଡାଙ୍କ ସୂଚନା ମତେ ୨ ଜଣ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ୪ ଜଣ ଶିକ୍ଷକଙ୍କ ଅଗଷ୍ଟ ମାସର ଦରମା ବନ୍ଦ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପ୍ରଧାନଶିକ୍ଷକ ବିଦ୍ୟାଳୟରେ ଶିକ୍ଷକଙ୍କ ଅନୁପସ୍ଥିତି ନେଇ ନୀରବତା ଅବଲମ୍ବନ କରୁଥିବାରୁ ତାଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯାଇଛି।

# ସୁବର୍ଣ୍ଣପୁରରେ ବିଶ୍ୱ ଫଟୋଗ୍ରାଫି ଦିବସ

ସୋନପୁର,୧୯।୮(ନି. ପ୍ର.)

ଶୁକ୍ରବାର ଫଟୋଗ୍ରାଫି ଅନୁଷ୍ଠାନ ଏକ୍ସୋଟିକ ସୁବର୍ଣ୍ଣପୁର ତରଫରୁ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି। ରାଜ୍ୟର ବିଶିଷ୍ଟ ପକ୍ଷୀପ୍ରେମୀ ତଥା ଫଟୋଗ୍ରାଫର ଦିନେଶ ରଞ୍ଜନ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମକାଳୀନ ଫଟୋଗ୍ରାଫି ଏବଂ ପରିବେଶ ଓ ପର୍ଯ୍ୟାବରଣ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ପରିବେଶପ୍ରେମୀ ଡ.ସତ୍ୟ ନାରାୟଣ ହୋତା, ପ୍ରାଣୀବିଜ୍ଞାନ ଅଧ୍ୟାପକ ଉମାକାନ୍ତ ନାଗ, ବିଶିଷ୍ଟ ଫଟୋଗ୍ରାଫର ସିଦ୍ଧାର୍ଥ ସଂଜୀବ ପାଣିଗ୍ରାହୀ, ପରିବେଶପ୍ରେମୀ ଅମ୍ବୁଜ ବିହାରୀ ଶତପଥୀ ଓ ବେଣୁଧର ପ୍ରଧାନ ପ୍ରମୁଖ ପରିବେଶ ଓ ପର୍ଯ୍ୟାବରଣକୁ ସୁରକ୍ଷିତ ରଖିବାରେ ଫଟୋଗ୍ରାଫିର ଭୂମିକା ଓ ବିଶ୍ୱ ସମୁଦାୟକୁ ବାର୍ତ୍ତା ରହିଛି ବୋଲି ଆଲୋଚନା କରିଥିଲେ। ଏହି ଅବସରରେ ଏକ୍ସୋଟିକ ପକ୍ଷରୁ ଆଗରୁ ନେଚର୍ – ଲ୍ୟାଣ୍ଡସ୍କେପ୍ କୁ ନେଇ କରାଯାଇଥିବା ଅନ୍‌ଲାଇନ ଫଟୋଗ୍ରାଫିର ୮ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏକ୍ସୋଟିକ ପ୍ରତିଷ୍ଠାତା ସଦସ୍ୟ ପକ୍ଷୀପ୍ରେମୀ ପିନାକୀ ପଣ୍ଡା ଓ ସତ୍ୟବ୍ରତ ପଧାନଙ୍କ ଆୟୋଜନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିଦ୍ଧାର୍ଥ କୁମାର ସାହୁ, ସୁମିତ କୁମାର ଶତପଥୀ, ସୁଜିତ କୁମାର ଶତପଥୀ, ନରେନ ମଲ୍ଲିକ, ସାନୁ ମେହେର, ଅଭିଷେକ କୁମାର ସାହୁ, ରାଜା ବାଙ୍କା, ସିଦ୍ଧାନ୍ତ ମାହେଶ୍ୱରୀ ଓ ପ୍ରସାଦ ଆଚାର୍ଯ୍ୟଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶୁଶାନ୍ତ ପଣ୍ଡା, ନିରଞ୍ଜନ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ଗଞ୍ଜେଇ ସହ ବୋଲେରୋ ପିକ୍‌ଅପ୍ ଜବତ

**ପୂର୍ବତନ ଜିଲା ଭାଜପା ଆଦିବାସୀ ମୋର୍ଚ୍ଚା ସଭାପତିଙ୍କ ସମେତ ତିନି ଗିରଫ**

କନ୍ଧମାଳ,୧୯।୮(ଡି.ଏନ.ଏ.)

ବୌଦ୍ଧ ଜିଲା କନ୍ଧମାଳ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର କନ୍ଧମାଳ-ମନମୁଣ୍ଡା ରାସ୍ତାର ଶୁଲିଆଛକ ନିକଟରେ ତିନି କୁଇଣ୍ଟାଲ ଗଞ୍ଜେଇ, ଗୋଟିଏ ବୋଲେରୋ ପିକଅପ୍ ଗାଡି ଜବତ ସହ ତିନି ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡିଛି। ଗିରଫଙ୍କ ମଧ୍ୟରେ ବୌଦ୍ଧ ଜିଲାର ଭାଜପା ଆଦିବାସୀ ମୋର୍ଚ୍ଚାର ପୂର୍ବତନ ସଭାପତି ଡମ୍ବରୁଧର କହଁର ଓରଫ ଟିକୁ କହଁର (୩୮) ବୋଲି ଜଣାପଡିଛି। ତାଙ୍କ ଘର କନ୍ଧମାଳ ଥାନାର ଦେଉଳଡୁଙ୍ଗୁରି ଗ୍ରାମର ହୋଇଥିବାବେଳେ ଅନ୍ୟ ଦୁଇଜଣ ହେଲେ କନ୍ଧମାଳ ଥାନାର ମାଲିପଡା ଗ୍ରାମର ପ୍ରହଲ୍ଲାଦ ଦ୍ୱାରି (୪୨) ଗଜପତି ଜିଲା ଆର ଉଦୟଗିରି ଥାନାର ଏନଜଲାରସିଂ ଗ୍ରାମର ସତ୍ୟନାରାୟଣ ଚିନଚାନି(୨୩) । ଉକ୍ତ ଅଭିଯୁକ୍ତ ମାନେ ଏକ ବୋଲେରୋ ପିକଅପ ଗାଡି ଓଡି୧୫ଆର ୪୨୫୧ ଯୋଗେ କନ୍ଧମାଳ ଆଡୁ ମନମୁଣ୍ଡା ଆଡକୁ ଯାଉଥିବା ବେଳେ ଅବକାରୀ ବିଭାଗ ପକ୍ଷରୁ ଶୁଲିଆଛକ ଠାରେ ଗାଡିକୁ ଯାଞ୍ଚ କରି ଗାଡିରୁ ୩ କୁଇଣ୍ଟାଲ ଗଞ୍ଜେଇ ଜବତ କରିବା ସହ ଗାଡିକୁ ମଧ୍ୟ ଜବତ କରିଛି । ଚଢାଉରେ ଏସଆଇ ହେମକା ସୁନା, ଏସଆଇ ଅଞ୍ଜନ କୁମାର ଜେନା, ସୁରେନ୍ଦ୍ର ଡାକୁଆ, କନଷ୍ଟେବଳ ପ୍ରିୟଜନ କହଁର, ଅସିତ ପ୍ରଧାନ, ରେଣୁପ୍ରିୟା ଭୋଇ, ସତ୍ୟ ରଞ୍ଜନ ମୁଖି ଓ ବିଜୟ ବାଘ ପ୍ରମୁଖ ସାମିଲ ଥିଲେ ।


ତିନି ଅଭିଯୁକ୍ତ ସହ ଗାଡି ଓ ଅବକାରୀ କର୍ମଚାରୀ।

# ରାଜ୍ୟସ୍ତରୀୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ଭବାନୀପାଟଣା,୧୯।୮(ସ୍ୱ.ପ୍ର.)

ଭବାନୀପାଟଣା କ୍ୟୁୟୁଏଟି ଅଡିଟୋରିୟମ ହଲରେ ହୋମଗାର୍ଡ ଓ ଟ୍ରାଫିକ କନଷ୍ଟେବଲଙ୍କ ପାଇଁ ଶୁକ୍ରବାର ରାଜ୍ୟସ୍ତରୀୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ସମ୍ମାନିତ ଅତିଥି ଭାବେ ରାଜ୍ୟ ପରିବହନ କମିଶନର ଅରୁଣ ବୋଥ୍ରା, ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଏସ୍‌ପି ଅଭିଳାଷ ଜି ଯୋଗଦେଇଥିଲେ। ଅଗଷ୍ଟ ୧୯ରୁ ୩୦ ମଧ୍ୟରେ ପ୍ରତ୍ୟେକ ଜିଲାରେ ଏକ ଦିନିଆ ତାଲିମରେ ପ୍ରାୟ ୪୫ଜଣ ହୋମଗାର୍ଡ ଓ ଟ୍ରାଫିକ କନଷ୍ଟେବଲ ଅଂଶଗ୍ରହଣ କରିବେ। ସଙ୍ଗଠନର ବିଶେଷଜ୍ଞମାନେ ସଡକ ସୁରକ୍ଷା, ପ୍ରଥମ ପ୍ରତିକ୍ରିୟାଶୀଳ ତାଲିମ, ସ୍ଥିତି ନିୟନ୍ତ୍ରଣ ଏବଂ ସଡ଼କ ଦୁର୍ଘଟଣାରେ ପୀଡିତାଙ୍କ ପାଇଁ ଜରୁରୀକାଳୀନ ଯତ୍ନ ବିଷୟରେ ଜ୍ଞାନ ବାଣ୍ଟିବେ ବୋଲି ପରିବହନ ପରିବହନ କମିଶନର ଅରୁଣ ବୋଥ୍ରା କହିଥିଲେ। ରାଜ୍ୟରେ ଏହା ହେଉଛି ପ୍ରଥମ ତାଲିମ କାର୍ଯ୍ୟକ୍ରମ, ଯେଉଁଠାରେ ହୋମଗାର୍ଡ ଓ ଟ୍ରାଫିକ ଡ୍ୟୁଟିରେ ନିୟୋଜିତ କନଷ୍ଟେବଲମାନେ ଜରୁରୀକାଳୀନ ପ୍ରସ୍ତୁତି ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ତାଲିମ ତିନିଟି ପର୍ଯ୍ୟାୟରେ କରାଯିବ। ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି, ରାୟାଗଡା, ଗଜପତି, ଗଞ୍ଜାମ, ବ୍ରହ୍ମପୁର, ଖୋର୍ଦ୍ଧା, ପୁରୀ, ଭୁବନେଶ୍ୱର, କଟକରେ ଅନୁଷ୍ଠିତ ହେବ।


ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଯୋଗଦେଇଥିବା ହୋମଗାର୍ଡ ଓ ଟ୍ରାଫିକ୍ କନଷ୍ଟେବଲ।